ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.250 Bhubaneswar Wednesday November 15 2023 | ୨୬ତମ ବର୍ଷ ସଂଖ୍ୟା-୨୫୦ ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

# କାହିଁକି ଉପବାଚ୍‌ସ୍ପତି ନିର୍ବାଚନ ଏଡାଇଗଲାନି ବିଜେଡି, ଚର୍ଚ୍ଚାରେ କାହା ନାଁ




ଭୁବନେଶ୍ୱର,୧୪।୧୧(ପିଏନ):ବିଧାନସଭା ଉପବାଚ୍‌ସ୍ପତି ନିର୍ବାଚନ ଆସନ୍ତା ୨୧ତାରିଖରେ ହେବ । ଉପବାଚ୍‌ସ୍ପତି କିଏ ହେବେ ତାକୁ ନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହେଲାଣି । ତେବେ ସାଧାରଣ ନିର୍ବାଚନକୁ ଆଉ ମାତ୍ର ୪ମାସ ବାକି ଥିଲେ ବି କାହିଁକି ଶାସକ ଦଳ ଉପବାଚ୍‌ସ୍ପତି ନିର୍ବାଚନ ପାଇଁ ତତ୍ପରତା ଦେଖାଇଲା ତାହା ଏବେ ସବୁଠୁ ବଡ ପ୍ରଶ୍ନ ହୋଇଛି । ଏହି ଉପବାଚ୍‌ସ୍ପତି ପଦ ପାଇଁ ଶାସକ ବିଜେଡି କାହାକୁ ମନୋନୀତ କରିବ ତାହା ଏବେଠୁ ଆକଳନ କରିବା ଅପରିପକ୍ୱ ହେବ । ମାତ୍ର ଦଳ ଏଭଳି ଜଣେ ବିଧାୟକଙ୍କୁ ଏହି ପଦବୀରେ ଆସୀନ କରାଇବ ଯିଏ ହୁଏତ ପରବର୍ତ୍ତୀ ନିର୍ବାଚନରେ ପ୍ରାର୍ଥୀ ହେବେନି ଅବା ପୁଣି ନିଜ ଆସନରୁ ଜିତିବାର ଶତପ୍ରତିଶତ ସମ୍ଭାବନା ସମ୍ପୃକ୍ତ ପ୍ରାର୍ଥୀଙ୍କର ଥିବ ବୋଲି କୁହାଯାଉଛି । ସଂଗଠନ ଦାୟିତ୍ୱ ସମ୍ଭାଳିବା ପାଇଁ ନଭେମ୍ବର ୮ତାରିଖରେ ଉପବାଚ୍‌ସ୍ପତି ପଦରୁ ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂ ଇସ୍ତଫା ଦେଇଥିଲେ ।ସୂଚନା ଅନୁସାରେ, ଆସନ୍ତା ୨୧ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେଉଛି । ସେହିଦିନ ସକାଳ ସାଢ଼େ ୯ଟାରେ ଉପବାଚ୍‌ସ୍ପତି ପଦ ପାଇଁ ନିର୍ବାଚନ ହେବ । ତା'ପୂର୍ବରୁ ୨୦ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବାର କାର୍ଯ୍ୟକ୍ରମ ରହିଛି । ସଂଖ୍ୟାଦୃଷ୍ଟିରୁ ଶାସକ ବିଜେଡି ଦ୍ୱାରା ମନୋନୀତ ପ୍ରାର୍ଥୀ ହିଁ ଉପବାଚ୍‌ସ୍ପତି ହେବେ । ନିର୍ବାଚନର ଆବଶ୍ୟକତା ପଡିନପାରେ । ତେବେ ସାଧାରଣ ନିର୍ବାଚନକୁ ଆଉ ମାତ୍ର ୪ମାସ ବାକି ଥିବାବେଳେ ବିଜେଡି କାହିଁକି ଏହି ପଦକୁ ପୂରଣ କରିବା ଦିଗରେ ଏତେ ଆନ୍ତରିକତା ଦେଖାଇଲା ତାକୁ ନେଇ ଦଳୀୟ ମହଲରେ ପ୍ରଶ୍ନବାଚ୍ୀ ସୃଷ୍ଟି ହୋଇଛି ।ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ସଜାଡିବା ପାଇଁ ବିଜେଡି ପୂର୍ବରୁ ବାଚ୍‌ସ୍ପତି ଓ ଉପବାଚ୍‌ସ୍ପତି ପଦରେ କାର୍ଯ୍ୟରତ ନିଜର ବିଧାୟକଙ୍କୁ ଅପସାରଣ କରିନେଇଥିଲା । ବିକ୍ରମ କେଶରୀ ଆରୁଖଙ୍କୁ ବାଚ୍‌ସ୍ପତି ପଦରୁ ଅପସାରଣ କରି ମନ୍ତ୍ରୀ କରାଇଥିବାବେଳେ ଉପବାଚ୍‌ସ୍ପତି ପଦରୁ ରଜନୀକାନ୍ତ ସିଂଙ୍କୁ ଅପସାରଣ କରି ଏପର୍ଯ୍ୟନ୍ତ କୌଣସି ଦାୟିତ୍ୱ ଦେଇନି । ତେବେ ସେ ନିଜ ଜିଲ୍ଲାରେ ସଂଗଠନ କଥା ବୁଝିବେ ବୋଲି ଚର୍ଚ୍ଚା ହେଉଛି ।

# ମୋଦି ବିରୋଧୀ ବୟାନ ପାଇଁ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଇସି ପଠାଇଲେ ନୋଟିସ



ନୂଆଦିଲ୍ଲୀ,୧୪।୧୧(ପି.ଏନ): ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ 'ତଥ୍ୟହୀନ' ବୟାନ ଦେଇଥିବା ଅଭିଯୋଗରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଆଜି ନିର୍ବାଚନ କମିଶନ(ଇସି) କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ବିଜେପି ପକ୍ଷରୁ ପ୍ରିୟଙ୍କାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା।ଏହାକୁ ଆଧାର କରି ଇସି ତାଙ୍କୁ ନୋଟିସ କରିଛନ୍ତି। ଗୁରୁବାର ସନ୍ଧ୍ୟା ୮ଟା ସୁଦ୍ଧା ପ୍ରିୟଙ୍କାଙ୍କୁ ଜବାବ ଦେବାକୁ କୁହାଯାଇଛି। ପ୍ରିୟଙ୍କା ନିର୍ବାଚନୀ ରାଲିରେ ଦେଇଥିବା ବୟାନ ମିଥ୍ୟା ଓ ତଥ୍ୟହୀନ ବୋଲି ବିଜେପି ଅଭିଯୋଗ କରିଛି।

## ମାଓ ସମ୍ପୃକ୍ତ ଅଭିଯୋଗରେ ପୂର୍ବତନ ସରପଂଚ ଗିରଫ

ଭୁବନେଶ୍ୱର, ୧୪।୧୧(ପି.ଏନ): ମାଓ ସମ୍ପୃକ୍ତି ଅଭିଯୋଗରେ ପୂର୍ବତନ ସରପଂଚ ଗିରଫ । ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ ଅନୁଗୁରୁ ଗ୍ରାମପଂଚାୟତ ପୂର୍ବତନ ସରପଂଚ ଜାକବ ମାଝିଙ୍କୁ ନକ୍ସଲ ସହ ସଂପୃକ୍ତି ଅଭିଯୋଗରେ ଗିରଫ କରିଛି ଆର.ଉଦୟଗିରି ପୋଲିସ । ଜାକବ୍ ଅନୁଗୁର ସରପଂଚ ଭାବେ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ କାମ କରୁଥିଲେ । ଜାକବ ନାମରେ ମାଓ ସଂପୃକ୍ତି ନେଇ ଆଗରୁ ଥାନାରେ ୫ଗୋଟି ମାମଲା ରହିଛି । ଏନେଇ ଆର.ଉଦୟଗିରି ଆଇଆଇସି ପ୍ରଶାନ୍ତ କୁମାର ମଲ୍ଲିକ । ଗତକାଲି ତାଙ୍କୁ ଉଦୟଗିରି ସାପ୍ତାହିକ ହାଟରୁ ଗିରିଫ କରାଯାଇଛି । ସୂଚନା ଅନୁଯାୟୀ ୨୦୦୬, ମାର୍ଚ୍ଚ ୨୪ ତାରିଖରେ ଉଦୟଗିରି ଜେଲ ଓ ଥାନା ଆକ୍ରମଣ ଥାନା ଅଧିକାରୀଙ୍କୁ ଅପହରଣ ଓ ତିନି ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା ମାମଲାରେ ଉଦୟଗିରି ପୋଲିସ ଜାକବଙ୍କୁ ୨୦୧୩ ମସିହାରେ ଗିରିଫ କରିଥିଲା । ଗତକାଲି ପୁଣି ଗିରିଫ କରି କୋର୍ଟ ଚାଲାଣ କରିଛି ଆର.ଉଦୟଗିରି ପୋଲିସ ।

## ସଇଁତଳାରେ ୨ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର,୧୪।୧୧(ପି.ଏନ): ଗ୍ରାମାଂଚଳବାସୀଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ। ଏହି ଲକ୍ଷ୍ୟରେ ବଲାଙ୍ଗିର ଜିଲ୍ଲାର ସଇଁତଳାରେ ୨ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।୩୦୭ କୋଟି ୮୭ ଲକ୍ଷ ୯୨ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ସଇଁତଳାର ୧୧୬ଟି ଗ୍ରାମବାସୀଙ୍କ ପାଖରେ ପହଂଚିବ ବିଶୁଦ୍ଧ ପାନୀୟ ଜଳ । ଏହାଦ୍ୱାରା ଉପକୃତ ହେବେ ୯୪,୫୫୪ରୁ ଅଧିକ ଲୋକ। ଆସନ୍ତା ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

# ପରୀକ୍ଷାରେ ମୁଣ୍ଡ ଘୋଡଣୀ ବ୍ୟାନ୍, କିନ୍ତୁ ହିଜାବ ଉପରେ ଲାଗିନି କୌଣସି ରୋକ୍ ?



କର୍ଣ୍ଣାଟକ,୧୪।୧୧(ପି.ଏନ): କର୍ଣ୍ଣାଟକା ପରୀକ୍ଷା ପ୍ରାଧିକରଣ (କେଇଏ) ବିଭିନ୍ନ ବୋର୍ଡ ଓ ନିଗମ ପାଇଁ ନିଯୁକ୍ତି ପରୀକ୍ଷା ସମୟରେ ପରୀକ୍ଷା ହଲରେ ସମସ୍ତ ପ୍ରକାରର ହେଡ୍ କଭର ଉପରେ ପ୍ରତିବନ୍ଧକ ଲଗାଯାଇଛି। କିନ୍ତୁ ନିଯୁକ୍ତି ପରୀକ୍ଷା ବେଳେ ହିଜାବ ଉପରେ କୌଣସି ବ୍ୟାନ ଲାଗିବ ନାହିଁ ବୋଲି କର୍ଣ୍ଣାଟକା ଉଚ୍ଚ ଶିକ୍ଷାମନ୍ତ୍ରୀ ଏମସି ସୁଧାକର ସ୍ପଷ୍ଟ କରିଛନ୍ତି।ପରୀକ୍ଷାରେ କପି ରୋକିବା ପାଇଁ କେଇଏ ପକ୍ଷରୁ ଆଜି ମୁଣ୍ଡ ଘୋଡଣୀ ଉପରେ ବ୍ୟାନ ଲଗାଯାଇଥିଲା। ପରୀକ୍ଷା ବେଳେ ଆଶାୟୀମାନେ ବ୍ଲୁଥୁଟର ବ୍ୟବହାର କରୁଥିବାରୁ କେଏଇ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିଲା। ସମସ୍ତ ପ୍ରକାରର ମୁଣ୍ଡ ଘୋଡଣୀ ଉପରେ ରୋକ ଲଗାଯାଇଥିବାରୁ ହିଜାବ ଉପରେ ମଧ୍ୟ କଟକଣା ଲାଗିଥିବା ଚର୍ଚ୍ଚା ହେଉଥିଲା। ଏହାକୁ ବିଭିନ୍ନ ମହଲରେ ମଧ୍ୟ ନିନ୍ଦା କରାଯାଇଥିଲା।

## ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୧୪।୧୧(ପି.ଏନ): ରାଜ୍ୟ କ୍ୟାବିନେଟ୍ ରଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କ୍ୟାବିନେଟ ବୈଠକରେ ୧୧ ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବ ପାରିତ ହୋଇଛି। କ୍ୟାବିନେଟ ବୈଠକରେ ନିଷ୍ପତି ସଂପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଏହା ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ଫେଜ୍ -୧ ଡିପିଆର , ବ୍ରହ୍ମପୁର ରିଂ ରୋଡ୍ , ଋଷିକୁଲ୍ୟା ନଦୀ ଉପରେ ବ୍ୟାରେଜ୍ ନିର୍ମାଣ, ଆମ ହସ୍ପିଟାଲ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି।

# ଚଢ଼ାଉ ବେଳେ ପୁଲିସ ବାବୁଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଲେ ବାଲି ମାଫିଆ



ଭୁବନେଶ୍ୱର,୧୪।୧୧(ପିଏନ):ମାତିଛନ୍ତି ବାଲି ମାଫିଆ। ପୁଲିସକୁ ମଧ୍ୟ ଛାଡି ନାହାନ୍ତି। ଦିନ ଦ୍ୱିପହରେ ଚଢ଼ାଉ କରିବାକୁ ଯାଇଥିବା ପୁଲିସ ଟିମ୍‌କୁ ଟ୍ରାକ୍ଟରରେ ଦଳି ଦେଇଛନ୍ତି। ଫଳରେ ଜଣେ ଥାନା ଅଧିକାରୀ ମୃତ୍ୟୁ ହୋଇଛି। ଏଥିସହ ଜଣେ ହୋମଗାର୍ଡ ଗୁରୁତର ହୋଇଛନ୍ତି। ଏଭଳି କିଛି ଘଟଣା ଘଟିଛି ବିହାରରେ।ବିହାରକୁ ପୁଣି ଫେରିଛି ଜଙ୍ଗଲରାଜ। ଏଠାକାର ଜମୁଇ ଜିଲ୍ଲା ଗରହି ଥାନା ଅଞ୍ଚଳରେ ମଙ୍ଗଳବାର ସକାଳେ ଦ୍ରୁତଗତିରେ ଏକ ଟ୍ରାକ୍ଟର ଆସି ପୁଲିସ ଟିମ୍‌କୁ ଦଳି ଦେଇଛି। ଫଳରେ ଗରହି ଥାନା ଅଧିକାରୀ ପ୍ରଭାତ ରଞ୍ଜନଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ଜଣେ ହୋମଗାର୍ଡ ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ବଙ୍ଗୋପସାଗର ଅଂଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର : ୧୬ ତାରିଖ ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୧୪।୧୧(ପି.ଏନ): ବଙ୍ଗୋପସାଗର ଅଂଚଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ୧୬ ତାରିଖ ବେଳକୁ ଏହା ଆହୁରି ଘନୀଭୂତ ହୋଇ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତି ଜିଲ୍ଲା ମାନଙ୍କରେ ବର୍ଷା ହେବା ଅନୁମାନ କରାଯାଉଛି । ଆସନ୍ତା କାଲି କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ସେହିପରି ୧୬ ତାରିଖ ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ଗଞ୍ଜାମ, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

# ଛତିଶଗଡରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ

ମହାସମୁନ୍ଦ/ଭୁବନେଶ୍ୱର, ୧୪।୧୧(ପି.ଏନ):- ଛତିଶଗଡର ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ରାଜ୍ୟର ଜନତାଙ୍କୁ ବିକାଶର ଦ୍ୱାହି ଦେଇ ପ୍ରତାରଣା କରିଛନ୍ତି । ତାଙ୍କର ଘୋଷଣା ଆଜି କେବଳ ଘୋଷଣାରେ ହିଁ ସୀମିତ ରହିଛି । କଂଗ୍ରେସ ସରକାର ଧୋକାବାଜ ସରକାର । ମିଛ କହୁଥିବା ସରକାର ବୋଲି ଆଜି ଛତିଶଗଡ଼ର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ମହାସମୁନ୍ଦ ଜିଲ୍ଲାର ବସନା ନିର୍ବାଚନମଣ୍ଡଳୀରେ ବିଜେପି ସମ୍ପତ୍ ଅଗ୍ରୱାଲଙ୍କ ସମର୍ଥନରେ ପ୍ରଚାର କରିଥିଲେ । ସେ କହିଛନ୍ତି ମୋଦି ସରକାର ଗରିବଙ୍କ କଲ୍ୟାଣ ପାଇଁ ଗ୍ୟାରେଣ୍ଟି ଦେଇଛନ୍ତି । ମହିଳାଙ୍କୁ ସର୍ବାଧିକ ପ୍ରାଥମିକତା ଆଜି ମୋଦି ସରକାରଙ୍କ ନୀତି ହୋଇଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମହିଳା ଆଧାରିତ ବିକାଶ ଆମକ କେନ୍ଦ୍ରବିନ୍ଦୁରେ ରହିଛି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସବୁ ଗରିବ ଘରକୁ ଗ୍ୟାସ ପହଞ୍ଚାଯାଇଛି । ମୋଦି ଗ୍ୟାରେଣ୍ଟି ଦେବାରୁ ସିଲିଣ୍ଡରର ଦାମ କମିଛି । ଉଜ୍ଜ୍ୱଳା ହିତାଧିକାରୀମାନେ ଏଣିକି ବଜାରର ନିର୍ଦ୍ଧାରିତ ମୂଲ୍ୟ ଠାରୁ ୫୦୦ ଟଙ୍କା କମ୍ ମୂଲ୍ୟରେ ଗ୍ୟାସ ପାଉଛନ୍ତି । କେବଳ ଏତିକି ନୁହେଁ, ପିଏମ ଆବାସରେ ଘର ନିର୍ମାଣ ହୋଇଛି । ଏହା ଦ୍ୱାରା ମହିଳାଙ୍କ ସମ୍ମାନ ଓ ଆତ୍ମସ୍ୱାଭିମାନ ବଢିଛି । ମୋଦିଙ୍କ ଗ୍ୟାରେଣ୍ଟିରେ ଘରେ ଘରେ ଶୌଚାଳୟ ବନିଛି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମୁଣ୍ଡପିଛା ହିତାଧିକାରୀଙ୍କୁ ଚାଉଳ ଦିଆଯାଇଛି । ଦେଶର ୮୦ ଭାଗ ଲୋକଙ୍କୁ ମାଗଣାରେ ଖାଦ୍ୟାନ୍ନ ଦେଇ ସେମାନଙ୍କର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଥିବାରୁ ଛତିଶଗଡର ଜନତା ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମନ ବଳାଇ ସାରିଛନ୍ତି । ଛତିଶଗଡରେ ଡବଲ ଇଞ୍ଜିନ ସରକାର ହେବ ହିଁ ହେବ । ପ୍ରଧାନମନ୍ତ୍ରୀ ମୋଦି ଡିଏମଏଫ ପାଣ୍ଠି ତିଆରି କରି ବଞ୍ଚିତ, ଅବହେଳିତଙ୍କ ବିକାଶ ପାଇଁ ଯୋଜନା କରିଛନ୍ତି । କିନ୍ତୁ ଭୂପେଶ ବାଘେଲଙ୍କ ସରକାର ମୋଦି ସରକାର ଦେଇଥିବା ଅର୍ଥରୁ ଲୋକଙ୍କୁ ବଞ୍ଚିତ କରିଛନ୍ତି । ମୋଦି ପଠାଉଥିବା ହଜାର ହଜାର କୋଟି ଟଙ୍କାର ଦୁରୁପଯୋଗ ହେଉଛି । ଏଠାକାର କଂଗ୍ରେସର ସରକାର ଭ୍ରଷ୍ଟ ସରକାର । କଂଗ୍ରେସ ସରକାରରେ ଗରିବ, ଚାଷୀ, ମହିଳା, ବଞ୍ଚିତ, ଯୁବବର୍ଗମାନେ ସମସ୍ୟା ଘେରରେ ଅଛନ୍ତି । ଆଜି ଛତିଶଗଡରେ ମହିଳାମାନେ ନିର୍ଯ୍ୟାତିତ । "ଆଉ ସହିବୁ ନାହିଁ, ବଦଳାଇ କି ହିଁ ରହିବୁ" । ଏହା ଆଜି ଏହା ଛତିଶଗଡର ଜନତାଙ୍କ ନାରା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ, ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବସନାର ଗଡଫୁଲଝର ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ରଣେଶ୍ୱର ରାମଚଣ୍ଡି ମନ୍ଦିରରେ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ ।

# ନବୀନ ଶାସନରେ ମାଁ ଓ ଭଉଣୀମାନେ ଅସୁରକ୍ଷିତ : ବିଜେପି

ଭୁବନେଶ୍ୱର,୧୪।୧୧(ପି.ଏନ): "ଆମ ଓଡିଶା, ନବୀନ ଓଡିଶା" ସ୍ଲୋଗାନ ଦେଉଥିବା ଶାସକ ବିଜେଡି ଦଳ ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ମହିଳା ନିର୍ଯ୍ୟାତନାର ଶିକାର ହୋଇ ଜୀବନ ଯୁଦ୍ଧରେ ହାରି ଯାଉଥିବା ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ମିଳୁନାହିଁ । ବର୍ତମାନ ଶିକ୍ଷାନୁଷ୍ଠାନମାନଙ୍କରେ ନାବାଳିକା କନ୍ୟା ଓ ଛାତ୍ରୀ ବଳାତ୍କାରର ଶିକାର ହେଉଛନ୍ତି। କେତେବେଳେ ଶିକ୍ଷକ ଓ କେତେବେଳେ ଜଗୁଆଳୀ ତ ଆଉ କେତେବେଳେ ରୋଷେୟାଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଅନେକ ଜାଗାରେ ନାବାଳିକା ଝିଅ ମଧ୍ୟ ଗର୍ଭବତୀ ହେବାର ନଜିର ରହିଛି। ଅତ୍ୟନ୍ତ ଦୁଃଖର ବିଷୟ ଆମ ରାଜ୍ୟରେ ବିଭିନ୍ନ ସମ୍ବେଦନଶୀଳ ଘଟଣାରେ ଚାର୍ଜସିଟ୍ ହାର ୩୫% ଥିବାବେଳକୁ ଦଣ୍ଡବିଧାନ ହାର ମାତ୍ର ୫%। ନବୀନ ସରକାରରେ ରାଜ୍ୟର ମାଁ ଓ ଭଉଣୀମାନେ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ଉର୍ମିଳା ମହାପାତ୍ର କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମହାପାତ୍ର କହିଛନ୍ତି ଯେ; ୨୩ ବର୍ଷର ନବୀନ ଶାସନରେ ମହିଳା ଓ ଶିଶୁ କନ୍ୟା ସବୁଠାରୁ ଅସୁରକ୍ଷିତ। ଆଜି କେଉଁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ପଂଚାୟତ ଜନ୍ତାରି ଉଚ୍ଚ ବିଦ୍ୟାଳୟ ହଷ୍ଟେଲ୍‌ରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀକୁ ରୋଷେୟା ଅସଦାଚରଣ କରିଛନ୍ତି । ଛାତ୍ରୀ ବିରୋଧ କରିଥିବାରୁ ରୋଷେୟା ମାଡ ମାରିଛି । ନିକଟରେ ବାଲେଶ୍ୱରର ସୋରୋ ଠାରେ ଜଣେ ଭିନ୍ନକ୍ଷମ ଯୁବତୀକୁ ଲିଫ୍ଟ ଦେବା ଆଳରେ ଦୁଷ୍କର୍ମ କରାଯାଇଛି । ଖାଲି ସେତିକି ନୁହେଁ ବିଭିନ୍ନ ସେବାଶ୍ରମ, କନ୍ୟାଶ୍ରମରେ ନାବାଳିକା କନ୍ୟାମାନେ ଗର୍ଭବତୀ ହେଉଛନ୍ତି । ଏହା ଯେତିକି ସମ୍ବେଦନଶୀଳ, ସେତିକି ଲଜ୍ୟାଜନକ ବୋଲି ଶ୍ରୀମତୀ ମହାପାତ୍ର କହିଛନ୍ତି ।ଅନ୍ୟପକ୍ଷରେ ନ୍ୟାୟ ଦେବା ଆଳରେ ତଦନ୍ତ କମିଶନ ପରେ କମିଶନ ବସାଯାଇଛି ସେଥିପାଇଁ ସରକାରଙ୍କ ପାଣ୍ଠିରୁ ଅନେକ ଅର୍ଥ ବ୍ୟୟ ହୋଇଛି, ମାତ୍ର ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ନଜିର ନାହିଁ । ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା ଓ ନିର୍ଯ୍ୟାତନା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ଦଣ୍ଡବିଧାନ ହାର ନୈରାଶ୍ୟଜନକ । ରାଜ୍ୟରେ ବିଭିନ୍ନ ଅପରାଧରେ ମାତ୍ର ୩୫% ଚାର୍ଜସିଟ ହେଉଥିବାବେଳେ ମାତ୍ର ୫% ଦୋଷୀ ଦଣ୍ଡିତ ହେଉଛନ୍ତି ।ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଭାରତବର୍ଷରେ ୩୬ଟି ରାଜ୍ୟରେ କାମ କରୁଛି । ଏହି ଯୋଜନାରେ ସମଗ୍ର ଭାରତ ବର୍ଷର ଗର୍ଭବତୀ ମହିଳା ତଥା ଶିଶୁମାନେ କିଭଳି ସୁରକ୍ଷିତ ରହିବେ ସେ ବିଷୟକୁ ପ୍ରାଥମିକତା ଦିଆଯାଇଛି। ଗର୍ଭାବସ୍ଥାରେ ପୋଷଣ ସମ୍ବନ୍ଧୀୟ ଆବଶ୍ୟକତା ପୁରା କରିବାରେ ସହାୟତା ପାଇଁ ମହିଳାମାନଙ୍କୁ ୫୦୦୦ ଟଙ୍କାର କ୍ଷତି ପୁରଣ ରାଶି ଦିଆଯାଇଥାଏ । କେନ୍ଦ୍ର ସରକାର ଏହି ସହାୟତା ରାଶିକୁ ସିଧାସଳଖ ଲାଭାର୍ଥୀଙ୍କ ବ୍ୟାଙ୍କ୍ ଖାତାକୁ ସ୍ଥାନାନ୍ତରିତ କରାଯିବାର ବ୍ୟବସ୍ଥା କରିଛନ୍ତି। ମାତ୍ର ଆମ ରାଜ୍ୟରେ ଏକତୃତୀୟାଂଶ ମହିଳା ରକ୍ତହୀନତାରେ ପିଡୀତ । ପୁଷ୍ଟିକର ଆହାର ନପାଇ ମୃତ୍ୟୁବରଣ କରିବାରେ ମହିଳାମାନେ ଆମ ଓଡିଶାରେ ମଧ୍ୟ ପଛରେ ନାହାଁନ୍ତି । ସାରା ଦେଶରେ ତଳଆଡୁ ସପ୍ତମରେ ଅଛି । ଏବେ ବି ଆଦିବାସୀ ବହୁଳ ଅଂଚଳରେ ଗର୍ଭବତୀ ମା' ତଥା ଶିଶୁମାନେ ଆଜି କୁପୋଷଣର ଶିକାର ହେଉଛନ୍ତି ରାଜ୍ୟ ସରକାର କୋଟି କୋଟି ଟଙ୍କା ସେ କ୍ଷେତ୍ରରେ ଖର୍ଚ୍ଚ କରୁଥିଲେ ମଧ୍ୟ ବିଶେଷ ସୁଫଳ ମିଳୁନାହିଁ । ଆଗାମୀ ଦିନରେ ଦ୍ୱିତୀୟ ନଗଡାର ଚିତ୍ର ସାମ୍ନାକୁ ନଆସୁ ସେଥିପ୍ରତି ରାଜ୍ୟ ସରକାର ସଜାଗ ରହିବା ଦରକାର ବୋଲି ଶ୍ରୀମତୀ ମହାପାତ୍ର କହିଛନ୍ତି ।ଏହି ଅବସରରେ ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ଓ ପ୍ରବକ୍ତା ଡ. ଲକ୍ଷ୍ମଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ପାନଗୁଟଖା ଉପରେ ଜାରି ହେଲା କଟକଣା

ପୁରୀ,୧୪।୧୧(ପି.ଏନ): ଆଜିଠାରୁ ଶ୍ରୀମନ୍ଦିରରେ ପାନଗୁଟୁଖା ଉପରେ କଟକଣା ଜାରି ହେଲା। ପାନଗୁଟୁଖାକୁ ନିଷିଦ୍ଧ କଲା ଶ୍ରୀମନ୍ଦିର ପ୍ରଶାସନ। ବରାହ ପୁରାଣ ଆଧାରରେ କଟକଣା ଜାରି କରାଯାଇଛି। ଜାନୁଆରୀ ୧ରୁ ଡ୍ରେସକୋଡ୍ ଭଳି ପାନଗୁଟୁଖାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ।ତାଙ୍କର ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଭିତରେ କେହି ପାନଗୁଟୁଖା ଖାଇବେ ନାହିଁ କି ଛେପ ପକାଇ ପାରିବେ ନାହିଁ। ଏପରିକି ସେବାୟତଙ୍କୁ ବି ପାନଗୁଟୁକା ଖାଇବା ଉପରେ କଟକଣା ଲାଗିଲା। ଜାନୁଆରୀ ୧ରୁ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଜରିମାନା ପଡ଼ିବ । ଶ୍ରୀମନ୍ଦିର ଭିତରେ କେହି ପାନଗୁଟଖା ଖାଇବେ ନାହିଁ କି ଛେପ ପକାଇ ପାରିବେ ନାହିଁ । ଭକ୍ତ କି ସେବାୟତ କେହି ପାନ ଓ ଗୁଟଖା ସେବନ କରି ଶ୍ରୀମନ୍ଦିରକୁ ଯାଇପାରିବେନି । ବରାହ ପୁରାଣ ଆଧାରରେ ଏହି କଟକଣା କରାଯାଇଛି ।

# ସୈନିକ ସ୍କୁଲରେ ନାମ ଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଅନ୍ଲାଇନ୍ ପଞ୍ଜୀକରଣ ଜାରି

ଭୁବନେଶ୍ୱର,୧୪।୧୧(ପି.ଏନ): ଦେଶର ୩୩ଟି ସୈନିକ ସ୍କୁଲ୍ରେ ଷଷ୍ଠ ଓ ନବମ ଶ୍ରେଣୀରେ ନାମ ଲେଖା ନିମନ୍ତେ ଆସନ୍ତା ୨୧ ଜାନୁଆରୀ ୨୦୨୪ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଜାତୀୟ ପରୀକ୍ଷା ଏଜେନ୍ସି ପକ୍ଷରୁ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଉଛି । ପ୍ରବେଶିକା ପରୀକ୍ଷା ଦେଶର ୧୮୬ଟି ସହରରେ ଅନୁଷ୍ଠିତ ହେବ। ୮ ନଭେମ୍ବର ୨୦୨୩ ଠାରୁ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ୧୬ ଡିସେମ୍ବର ୨୦୨୩ ଶେଷ ତାରିଖ ରଖାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଓ ଅଭିଭାବକ ଏନଟିଏ ୱେବସାଇଟ୍ ରେ ଆବେଦନ କରି ପଞ୍ଜୀକରଣ କରିପାରିବେ । ଭୁବନେଶ୍ୱର ସୈନିକ ସ୍କୁଲ୍ରେ ଷଷ୍ଠ ଶ୍ରେଣୀରେ ୮୦ ଛାତ୍ର ୧୦ ଛାତ୍ରୀ ଏବଂ ନବମ ଶ୍ରେଣୀରେ ୧୫ ଛାତ୍ର ଓ ଜଣେ ଛାତ୍ରୀ ନାମ ଲେଖାଇପାରିବେ । ଷଷ୍ଠ ଶ୍ରେଣୀରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ



**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।




**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଥତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।




**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।




**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଟେଲିଫୋନର ମଜା ଶହେ କୋଶ ଦୂରରୁ...

ଅନ୍ତର୍ଜାତୀୟ ଦୂରସଞ୍ଚାର ସଂଘର ପ୍ରତିଷ୍ଠା ଦିବସକୁ ମନେପକାଇବା ପାଇଁ ପ୍ରତି ବର୍ଷ ମେ ୧୭ ତାରିଖ ବିଶ୍ୱ ଦୂରସଞ୍ଚାର ଦିବସ ପାଳନ କରାଯାଏ। ୧୯୬୯ ମସିହାରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଜାତୀୟନୀତି, ବୈଷୟିକ ମତଭେଦ, ସମ୍ପର୍କକୁ ପ୍ରୋତ୍ସାହନ, ପଦ୍ଧତିର କାର୍ଯ୍ୟକାରିତାକୁ ବିଶ୍ୱ ସ୍ତରରେ ପ୍ରୋତ୍ସାହନ ଏବଂ ଇଣ୍ଟରନେଟ୍, ଟିଭି, ଫୋନ ଆଦି ମାଧ୍ୟମରେ ବ୍ୟକ୍ତିର ଦୂରତା ହ୍ରାସ କରିବା ଦିଗରେ ଏହି ଦିବସ ଧ୍ୟାନ ଦିଏ। ଲୋକଙ୍କ ମଧ୍ୟରେ ଟେକ୍ନୋଲୋଜି ଦ୍ୱାରା ସକାରାତ୍ମକ ସଞ୍ଚାର ପ୍ରତି ସଚେତନତା ବୃଦ୍ଧି କରିବା ପାଇଁ ପାଳନ କରାଯାଏ ବିଶ୍ୱ ଦୂରସଞ୍ଚାର ଦିବସ। ଦୂରବର୍ତ୍ତୀ ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ନିକଟରେ ସୂଚନା ଓ ସଞ୍ଚାର ପହଞ୍ଚାଇବା ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ବିଷୟ ଆଧାରରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ଦୂରସଞ୍ଚାର ଦିବସର ବିଷୟ ରହିଛି 'ବୟସ୍କ ଲୋକଙ୍କ ପାଇଁ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର ଏବଂ ସ୍ୱାସ୍ଥ୍ୟପ୍ରଦ ବୃଦ୍ଧାବସ୍ଥା'।

ପିଲାଦିନରେ ପାଠପଢ଼ା ଓଡ଼ିଆ ବହିରେ ଏକ ଅଧ୍ୟାୟରେ ଲେଖାଥିଲା 'ଟେଲିଫୋନର ମଜା ଶହେ କୋଶ ଦୂରରୁ ଫୋନ୍ କରୁଛି ଅଜା...'। ଆଜିର ସମୟରେ ସେ ସମୟର ଅଜାମାନେ ବର୍ତ୍ତମାନ କିନ୍ତୁ ହାତପାହାନ୍ତାରେ ସ୍ମାର୍ଟଫୋନ ଭିତରେ ଆଈ ସହ ସୁଖଦୁଃଖ ହୋଇପାରୁଛନ୍ତି। ବର୍ତ୍ତମାନର ସମୟକୁ ଦେଖିଲେ ଜଣାଯାଏ ମୋବାଇଲ ଫୋନ୍ ଆମ ଜୀବନକୁ ଖୁବ୍ ମାତ୍ରାରେ ପ୍ରଭାବିତ କରିଛି। ୧୯୧୮ରେ ଜର୍ମାନ ରୋଡ଼ୱେଜ୍ ତରଫରୁ ବର୍ଲିନରୁ ଯୋସେନ ମଧ୍ୟରେ ଚାଲୁଥିବା ମିଲିଟାରୀ ଟ୍ରେନ ମାନଙ୍କରେ ୱାରଲେସ ଫୋନ ଆରମ୍ଭ ହୋଇଥିଲା। ୧୯୨୪ରେ ବର୍ଲିନ୍‌ରୁ ହାମ୍ବର୍ଗ ମଧ୍ୟରେ ଚାଲିଥିବା ଯାତ୍ରୀବାହୀ ଟ୍ରେନରେ ମଧ୍ୟ ତାର ବିହୀନ ଫୋନ୍ ଆରମ୍ଭ କରାଯାଇଥିଲା। ବେତାର ଫୋନ ଭାବେ ହ୍ୟାଣ୍ଡହେଲଡ ରେଡ଼ିଓ ଟ୍ରାନ୍ସିଭରସ୍ ୧୯୪୦ ଯାଏ ବ୍ୟବହାର କରାଯାଉଥିଲା। ଆମେରିକାର ଫେଲଲ୍ୟାବ୍ ୧୭ ଜୁନ୍ ୧୯୪୬ରେ ମୋବାଇଲ ଫୋନ ସେବା ଆରମ୍ଭ କରିଥିବାର ଜଣାଯାଏ। ମସ୍କୋର ଜଣେ ଇଞ୍ଜିନିୟର ଲିଓନିଡ଼୍ କୁପ୍ରିୟାନୋଭିକ୍ ୧୯୫୭ରୁ ୧୯୬୧ ମଧ୍ୟରେ ପକେଟ ସାଇଜ କମ୍ୟୁନିକେସନ ରେଡ଼ିଓ ନିର୍ମାଣ ସହିତ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ। ମୋର୍ଟଲା କମ୍ପାନୀର ଇଞ୍ଜିନିୟର ମାର୍ଟିନ କୁପରଙ୍କୁ ସେଲ୍ ଫୋନର ଜନକ ବୋଲି କୁହାଯାଏ। ଅପ୍ରେଲ ୧୯୭୩ରେ କୁପର୍ ଗୋଟେ ମୋବାଇଲ ସେଟ ଯୋଗେ ପ୍ରଥମେ କଥାବାର୍ତ୍ତା ହୋଇଥିଲେ। ଜର୍ମାନ, ଆମେରିକା, ଋଷିଆ ଆଦି ଦେଶ ତୁଳନାରେ ଭାରତରେ ବହୁ ପରେ ଯାଇ ମୋବାଇଲ ଫୋନ ସେବା ଆସିଥିଲା। ୧୯୯୪ରେ ପ୍ରଥମଥର ପାଇଁ ଆମ ଦେଶରେ ବେସରକାରୀ ସଂସ୍ଥାମାନଙ୍କୁ ସେଲୁଲାର ଓ ରେଡ଼ିଓ ପେଜିଂ ସେବା ପାଇଁ ଅନୁମତି ମିଳିଥିଲା ଓ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସ୍ପେକଟ୍ରମ ନିଲାମ କରାଯାଇଥିଲା। ୧୯୯୫ରେ କୋଲକାତାରେ ପ୍ରଥମେ ମୋଦି ଟେଲଷ୍ଟ୍ରା କମ୍ପାନୀ ମୋବାଇଲ ନେଟୱାର୍କ ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇ ୩୧ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ମୋବାଇଲ ଫୋନ ମାଧ୍ୟମରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ସୁଖରାମଙ୍କ ସହିତ କଥା ହୋଇଥିଲେ। ଏହାକୁ ଆମ ଦେଶର ପ୍ରଥମ ଫୋନ୍ କଲ ବୋଲି କୁହାଯାଏ। ଦୂରସଞ୍ଚାର ସେବାର ନିୟନ୍ତ୍ରଣ ପାଇଁ ୧୯୯୭ରେ ଟ୍ରାଇ ବା ଟେଲିକମ୍ ରେଗୁଲେଟାରୀ ଅଥରିଟି ଅଫ ଇଣ୍ଡିଆ ଗଠନ କରାଗଲା। ୧୯୯୯ରେ ସରକାର ନୂଆନୀତି ଆଣିବା ଫଳରେ ଅପରେଟର ସଂସ୍ଥା ସରକାରଙ୍କ ସହିତ ରାଜସ୍ୱ ଭାଗ ବାଣ୍ଟ କରିବାର ନିୟମ ରହିଲା। ଦିନେ ଲୋକଙ୍କୁ ଗୋଟେ ମିନିଟ କଥା ହେବାକୁ ଚବିଶ ଟଙ୍କା ଗଣିବାକୁ ପଡୁଥିବାବେଳେ ଆଜି ସମଗ୍ର ବିଶ୍ୱରେ ସବୁଠୁ ଶସ୍ତାରେ ଭାରତୀୟମାନେ ମୋବାଇଲ ଫୋନରେ କଥା ହୋଇପାରୁଛନ୍ତି। ୨୦୦୧ ମସିହା ବେଳକୁ ଫିକ୍ସଡ୍ ଲାଇନ ସେବା ଯୋଗାଉଥିବା ସଂସ୍ଥା ମାନଙ୍କୁ ମଧ୍ୟ ମୋବାଇଲ ସେବା ପାଇଁ ଅନୁମତି ମିଳିଗଲା।

ସ୍ମାର୍ଟଫୋନ ମାଧ୍ୟମରେ ମନୋରଞ୍ଜନ, ଟିକେଟ ବୁକିଂ, ଖାଦ୍ୟପେୟ ଅର୍ଡ଼ର, ନିତିଦିନିଆ ସାମଗ୍ରୀ କିଣାବିକା, ସ୍ୱାସ୍ଥ୍ୟ ପରୀକ୍ଷା, ପାଠପଢ଼ା, ପାଣିପାଗ ସୂଚନା, ଖବରକାଗଜ ଓ ବହି ପଢ଼ିବା, ଟିଭି, ସିନେମା ତଥା ଜ୍ଞାନବିଜ୍ଞାନର ସବୁ ପ୍ରକାର ତଥ୍ୟ ଓ ସୁବିଧା ମିଳିଛି। ପ୍ରତିଦିନ ନୂଆ ପ୍ରକାର ଆପ୍ଲିକେସନ ମୋବାଇଲ ଫୋନ ପାଇଁ ନିର୍ମିତ ହେଉଛି। ମୋବାଇଲ ସେବାରେ ୨ଜି, ୩ଜି ଏବଂ ୪ଜି ଆଦି ଟେକ୍ନୋଲୋଜି ବ୍ୟବହୃତ ହୋଇଥାଏ। ତେବେ ଜିର ଅର୍ଥ ଜେନେରେସନ। ପ୍ରଥମ ପର୍ଯ୍ୟାୟ ବା ଜେନେରେସନର ମୋବାଇଲ ଫୋନ୍ ୧ ଜି, ଦ୍ୱିତୀୟ ଜେନେରେସନକୁ କୁହାଗଲା। ୨ଜି, ତୃତୀୟଟି ହେଲା ୩ ଜି ଏବଂ ଚତୁର୍ଥଟି ୪ଜି। ଗୋଟେ ଜେନେରେସନରୁ ଆଉ ଗୋଟେ ଜେନେରେସନକୁ ଗଲାବେଳେ ମୋବାଇଲ ଫୋନରେ ଅଧିକ ଉନ୍ନତ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହୃତ ହେଉଛି। ଏବେ ଆମ ଦେଶରେ ୪ଜି ମୋବାଇଲ ଫୋନ ବହୁଳ ମାତ୍ରାରେ ବ୍ୟବହାର ହେଉଛି ଏବଂ ୫ ଜି ଟେକ୍ନୋଲୋଜି କାର୍ଯ୍ୟକ୍ଷମ ହେବାକୁ ଯାଉଛି।

୧-ଜି : ଫାର୍ଷ୍ଟ ଜେନେରେସନ - ୧-ଜି ମୋବାଇଲ ନେଟୱାର୍କରେ ଆନାଲଗ୍ ଟେକ୍ନୋଲୋଜି ବ୍ୟବହୃତ। ଏଥିରେ କେବଳ କଥାବାର୍ତ୍ତା ହୋଇପାରିବାର ସୁବିଧା ଥିଲା। ୨-ଜି : ସେକେଣ୍ଡ ଜେନେରେସନ - ୨-ଜି ମୋବାଇଲ ସେବାରେ କଥାବାର୍ତ୍ତା, ମେସେଜ୍ ତଥା ସୀମିତ ଡାଟା ପଠାଇବାର ସୁବିଧା ଉପଲବ୍ଧ। ୧୯୯୦ ଆଡ଼କୁ ଏହା ଆରମ୍ଭ ହୋଇଥିଲା। ଏଥିରେ ଡାଟା ପ୍ରେରଣର ବେଗ ବହୁତ କମ୍ ରହୁଥିଲା।

୩-ଜି : ଥାର୍ଡ଼ ଜେନେରେସନ- ୩ଜି ମାଧ୍ୟମରେ ଇଣ୍ଟରନେଟ ସ୍ପିଡ ବଢ଼ିବା ସହିତ ଡାଟା ଡାଉନ୍‌ଲୋଡ଼ କରିବା ସୁବିଧାଜନକ ହେଲା। ଏହି ପିଢ଼ିର ଫୋନରେ ଏଚ୍‌ଏସ୍‌ପିଏ (ହାଇସ୍ପିଡ୍ ପ୍ୟାକେଟ ଆସେସ୍) ଟେକ୍ନୋଲୋଜି ଦ୍ୱାରା ଡାଉନଲିଙ୍କ ସ୍ପିଡ ୧୪.୪ ଏମ୍‌ବିପିଏସ୍ (ମେଗା ବାଇଟ ପାର ସେକେଣ୍ଡ) ଏବଂ ଅପିଲିଙ୍କ ସ୍ପିଡ ୫.୬୭ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିଲା। ୪-ଜି : ଫୋର୍ଥ ଜେନେରେସନ ଏଥିରେ ଏଲ୍‌ଟିଇ (ଲଙ୍ଗ ଟର୍ମ ଇଭୋଲ୍ୟୁସନ) ଟେକ୍ନୋଲୋଜି ବ୍ୟବହୃତ। ୪-ଜିରେ ୩-ଜି ଅପେକ୍ଷା ଇଣ୍ଟରନେଟ ସ୍ପିଡ ବହୁଗୁଣିତ ହେଲା। ଏପରିକି ଡାଉନ୍ ଲିଙ୍କ ସ୍ପିଡ୍ ୩୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବଢ଼ିଗଲା। ୫-ଜି : ଫିଫ୍‌ଥ ଜେନେରେସନ ୫-ଜି ମୋବାଇଲ ଫୋନ୍‌ର ବ୍ୟବହାର ଏ ପର୍ଯ୍ୟନ୍ତ ଭାରତରେ ଆରମ୍ଭ ହୋଇନାହିଁ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରିଲାଏନ୍ସ ଜିଓ କମ୍ପାନୀ କହିଛି ଯେ ସରକାର ସ୍ପେକ୍ଟ୍ରମ ଯୋଗାଇ ଦେଲା ମାତ୍ରକେ ୫-ଜି ସେବା ଆରମ୍ଭ କରିବ। ଏଥିପାଇଁ କମ୍ପାନୀ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରି ରଖିଛି। ଏଥିରେ ନିଉ ରେଡ଼ିଓ ଏନ୍‌ଆର ଟେକ୍ନୋଲୋଜିର ଉପଯୋଗ କରାଯାଇଥାଏ। ହାଇସ୍ପିଡ୍ ମୋବାଇଲ ନେଟୱାର୍କ ସହିତ ଏଥିରେ ବହୁବିଧ ସୁବିଧା ଥିବାର ଜଣାପଡ଼ିଛି। ଏଥିରେ ଡାଉନଲୋଡିଂ ସ୍ପିଡ ସେକେଣ୍ଡ ପ୍ରତି ୧୦ଜିବି ପର୍ଯ୍ୟନ୍ତ ରହିପାରିବ। ୫-ଜି ମୋବାଇଲ ଦ୍ୱାରା ଗଣମାଧ୍ୟମ, ଆର୍ଥିକ ସେବା, ବାଣିଜ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, କୃଷି, ସ୍ମାର୍ଟ ଶିଳ୍ପ ଓ ସ୍ମାର୍ଟ ସିଟି ଆଦିର କାର୍ଯ୍ୟ ଅତ୍ୟନ୍ତ ସହଜ ହୋଇପାରିବ। ଦକ୍ଷିଣ କୋରିଆରେ ଏପ୍ରିଲ ୨୦୧୯ରେ ୫-ଜି ମୋବାଇଲ ନେଟୱାର୍କ ଆରମ୍ଭ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ ବିଏସଏନଏଲ ଅନ୍ୟ ଘରୋଇ ମୋବାଇଲ କମ୍ପାନୀ ଅପେକ୍ଷା ବିଶ୍ୱସ୍ତ, ନିର୍ଭରଯୋଗ୍ୟ ଓ ତତ୍କାଳ ସେବା ଦେଉଥିବା କମ୍ପାନୀ ଦିନକୁ ଦିନ ଲୋକମାନଙ୍କ ଭିତରେ ବିଏସଏନଏଲ ପ୍ରତି ଆଦର ଓ ଗ୍ରହଣୀୟତା ବଢୁଛି। ଖୁସିର କଥା ଲ୍ୟାଣ୍ଡ ଲାଇନ ସେବା ପାଇଁ ଲୋକମାନେ ବିଏସଏନଏଲକୁ ପ୍ରାଥମିକତା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ 'ସବକ୍ ସାଥ, ସବ୍‌କା ବିକାଶ'ର ନାରାକୁ ବିଏସଏନଏଲ ପ୍ରାଥମିକତା ଦେଇ ଏହାର ସେବାକୁ ଆଗେଇ ନେଉଛି। ସମସ୍ତଙ୍କ ସହିତ ଆଜି ବିଏସଏନଏଲ ସାଥି ହୋଇ ସମସ୍ତଙ୍କ ବିକାଶକୁ ତ୍ୱରାନ୍ୱିତ କରୁଛି। ୨୦୧୯-୨୦ର ଅର୍ଥନୈତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଦେଶରେ ୯୧.୯% ଲୋକ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ତାହା ୭୯.୫୮%ରେ ସୀମିତ ରହିଛି। ଆଜିକା ସମୟରେ ମୋବାଇଲ ଫୋନ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟି ଯାଇଛି।

**ବିଷ୍ଣୁରଞ୍ଜନ ପାଣିଗ୍ରାହୀ (ଆଇଟିଏସ୍)**
*ପ୍ରବନ୍ଧକ, ଦୂରସଞ୍ଚାର ଭବନ,*
*ଦୂରଭାଷ: ୯୪୩୭୦୫୧୦୮୮*

# ନୀରବଘାତକ: ଉଚ୍ଚ ରକ୍ତଚାପ

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା। ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୨୦୨୫ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ। ୨୦୨୦ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁ ମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିକୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ। ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କଠାରେ ଦେଖାଯାଉଛି। ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ...ପ୍ରମୁଖ କାରଣ ହେଉଛି। ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ଼ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି। ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ। ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି। ଫଳରେ ଉଚ୍ଚରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି। ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି। ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି। ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି। ଏହାଦ୍ୱାରା ଶରୀରରେ ମେଦଜମା ହେଉଛି। ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ। ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ। ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ। ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର। ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ। ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି। ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ। ସେହିପରି ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍‌କୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶୀରା ପ୍ରଶୀରା ଦୁର୍ବଳ ହୋଇଯାଉଛି। ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି। ଅନ୍ୟ ଏକ କାରଣ ହେଉଛି, ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ। ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନର ଅନିୟମିତତା। ମହିଳା ମାନଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୂଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଅନେକ ହୁଏତ ଜାଣିନଥିବେ ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ। ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ। ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ। ବ୍ରେନ୍, ହୃତପିଣ୍ଡ, କିଡ଼୍‌ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ। ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ। ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ଼୍‌ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ। ଏହି ଅଙ୍ଗ ଗୁଡ଼ିକ କିପରି ପ୍ରଭାବିତ ହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମସ୍ତିଷ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ। ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ। ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ। ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ। ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିଜ୍ ଷ୍ଟ୍ରୋକ ହୋଇଥାଏ। ଅନ୍ୟ ଏକ ସମ୍ବେଦନଶୀଳ ଚକ୍ଷୁ ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ। ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ। ବ୍ୟକ୍ତିକୁ ଝାପ୍‌ସା ଝାପ୍‌ସା ଦେଖାଯାଏ। ସେହିପରି କିଡ଼୍‌ନୀ କ୍ଷେତ୍ରକୁ ଦେଖିଲେ, ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ୍‌ନୀ ପ୍ରଭାବିତ ହୋଇଥାଏ। କିଡ଼୍‌ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ। ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ। ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼୍‌ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ଼୍‌ନୀ ଉପରେ ଚାପ ପଡ଼େ। ଯାହାଦ୍ୱାରା କିଡ଼୍‌ନୀ ଦୁର୍ବଳ ହୋଇଯାଏ। ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼୍‌ନୀ ଅକାମୀ ହୋଇଥାଏ। ଶରୀରର ଅତ୍ୟନ୍ତ ଅପରିହାର୍ଯ୍ୟ ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ। ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ। ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ। ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଏହାଦ୍ୱାରା ହୃଦ୍‌ଘାତ ହୁଏ। ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ଼୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଆଜିକାଲି ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହିବା ସହ ମେଦବୃଦ୍ଧି ହୁଏନାହିଁ କି ଉଚ୍ଚରକ୍ତ ଚାପର ସମସ୍ୟା ମଧ୍ୟ ଦେଖାଯିବନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶୀରାପ୍ରଶୀରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନେ ବି ବନ୍ଦ କରିବା ଉଚିତ ନୁହେଁ। ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ। ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ। ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ। ସର୍ବପ୍ରଥମେ ନିଜକୁ ଶାନ୍ତ ରଖିବା ସହ ବାହ୍ୟଚାପରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରନ୍ତୁ। ସୁଷମ ଖାଦ୍ୟ, ଯୋଗ ପ୍ରାଣାୟମ ଖୁବ୍ ଭଲ। ସତ୍‌ଚିନ୍ତା ଓ ଆଧାତ୍ମିକ ସ୍ୱାଧ୍ୟାୟ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ, ଉପଯୁକ୍ତ ବିଶ୍ରାମ ନିଅନ୍ତୁ ଓ ଆଧାତ୍ମିକ ଜୀବନ ପାଇଁ ସର୍ବଦା ନିଜକୁ ବ୍ୟସ୍ତ ରଖନ୍ତୁ ଦେଖିବେ ଉଚ୍ଚରକ୍ତଚାପ ଆପଣଙ୍କ ପାଇଁ ବିପଦପୂର୍ଣ୍ଣ ହେବନାହିଁ।





# କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧିକୁ ରାଜ୍ୟ ଏଚ୍‌ଏମ୍‌ଏସ୍‌ର ସ୍ୱାଗତ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧି ହୋଇଛି। କେନ୍ଦୁପତ୍ର କେରି ୧.୨୦ରୁ ୧.୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିଯୋଗୁଁ ୭.୫୦ ଲକ୍ଷ ତୋଳାଳି ୨୪୦ କୋଟି ଟଙ୍କାର ଅଧିକ ରୋଜଗାର ପାଇବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜନଜାତିର ମହିଳା ଅଟନ୍ତି। ଏହାସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସ ଓ ବିଭିନ୍ନ ଭ । ବାବଦରେ ମଧ୍ୟ ୧୨୦ କୋଟି ଟଙ୍କା ମଂଜୁର କରାଯାଇଛି। ଏହାଦ୍ୱାରା ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଅନ୍ୟାନ୍ୟ କର୍ମଚାରୀ ଉପକୃତ ହୋଇପାରିବେ। କେନ୍ଦୁପତ୍ର ବ୍ୟବସାୟର ସମସ୍ତ ଲାଭ କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ବ୍ୟବହୃତ ହେଉଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଓ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ରାଜ୍ୟ ଉପସଭାପତି ରବି ରଥ ଏଭଳି ନିଷ୍ପ ିକୁ ସ୍ୱାଗତ କରିଛନ୍ତି। ସଂଗଠନ ପକ୍ଷରୁ ଏକ ମିଳିତ ବିବୃ ିରେ ୫ ବର୍ଷ ହେଲା କେନ୍ଦୁପତ୍ର କର୍ମଚାରୀଙ୍କ ସନ୍ତାନଙ୍କୁ ବୃ ି, କନ୍ୟା ବିବାହ ସହାୟତା ବ୍ୟବସ୍ଥା ବନ୍ଦ ହୋଇପଡ଼ିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧି ସହ ସାମାଜିକ ସୁରକ୍ଷା ସହାୟତା ପାଇଁ ଯୋଗ୍ୟତାର ମାପଦଣ୍ଡକୁ ୨ ହଜାର ବଦଳରେ ୧ ହଜାର କେରିପତ୍ର ରଖାଯିବାକୁ ସଂଘ ସ୍ୱାଗତ କରିଛି। ସୂଚନା ଅନୁଯାୟୀ, ରାଜ୍ୟର ସମୁଦାୟ ୨୫ଟି ଜିଲ୍ଲାର ପ୍ରାୟ ୧୨ ଲକ୍ଷ ତୋଳାଳି ଅଛନ୍ତି। ୨୦୨୧ ମସିହାରେ ୧ ଲକ୍ଷ ୯୩ ହଜାର ୬୦୦ କ୍ୱିଣ୍ଟାଲ କେନ୍ଦୁପତ୍ର ପାଇଁ ୫୨୭ କୋଟି ୫୦ ଲକ୍ଷ ୩୧ ହଜାର ଟଙ୍କା, ୨୦୨୦ ମସିହାରେ ୧ ଲକ୍ଷ ୮୬ ହଜାର ୫୦୦ କ୍ୱିଣ୍ଟାଲ କେନ୍ଦୁପତ୍ର ପାଇଁ ୪୦୮ କୋଟି ୭୨ ଲକ୍ଷ ୧୧ ହଜାର ଟଙ୍କାର ରାଜସ୍ୱ ପାଇଥିଲେ। ଓଡ଼ିଶା ସରକାର ୨୦୧୭ ମସିହା ଜିଏସଟି ବ୍ୟବସ୍ଥା କାଯର୍ୟକାରୀ ପୂର୍ବରୁ ରାଜସ୍ୱ ସଂଗ୍ରହ ଅାହୁରି ଅଧିକ ଥିଲା। ସେଥିରୁ ଆବଶ୍ୟକତା ଅନୁସାରେ କେନ୍ଦୁପତ୍ର କର୍ମଚାରୀଙ୍କ ସନ୍ତାନଙ୍କୁ ବୃ ି, ବିବାହ ସହାୟତା ଦିଆଯାଉଥିଲା ଏଥିଯୋଗୁଁ ଅନେକ ଲାଭାନ୍ୱିତ ହେଉଥିଲେ।

# କୁରାଙ୍ଗଶାସନରେ ଜଳଛତ୍ର ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଗ୍ରୀଷ୍ମକାଳୀନ ଜଳ ବିତରଣ କେନ୍ଦ୍ର ବିଧାୟକ ଡା. ପ୍ରମୋଦକୁମାର ମଲିକଙ୍କ ନିର୍ଦ୍ଦେଶମତେ ଆରମ୍ଭ ହୋଇଛି। ସରପଞ୍ଚ ରୋହିଣୀ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲାବେଳେ ଜିଲା ବିଜେଡ଼ି ସମ୍ପାଦକ ଅକ୍ଷୟ ମହାନ୍ତି, ବ୍ଲକ ଯୁବ ବିଜେଡ଼ି ସଭାପତି ଶଶିଭୂଷଣ ଦାଶ, ଅରୁଣ ସାହୁ, ବିଶ୍ୱନାଥ ସାହୁ, ରବିନାରାୟଣ ଦାସ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶାରଦାପ୍ରସନ୍ନ ସାହୁ, ରାଜଦର୍ଶନ ବାରିକ, ସୂର୍ଯ୍ୟନାରାୟଣ ସାହୁ, ଅବିନାଶ ସାହୁ, ସୁକାନ୍ତ ସାହୁ, ପ୍ରଶାନ୍ତ ସାହୁ, ମିଳନ ସାହୁ, ଚିନ୍ମୟ ସାହୁ ପ୍ରମୁଖ ଯୁବଗୋଷ୍ଠୀ ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ।

# ସାହିତ୍ୟିକ, ସମାଜସେବୀ ପ୍ରମୋଦ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା (ପିଏନ୍): ଏକାଧାରରେ ସେ ଥିଲେ ସାହିତ୍ୟିକ, ସମାଜସେବୀ, ଶିକ୍ଷାବିତ୍, ପରିବେଶବିତ୍। ପେଶା ଥିଲା ବ୍ୟାଂକ ଅଧିକାରୀ, କିନ୍ତୁ ନିଶା ଥିଲା ସମାଜସେବା। ବହୁମୁଖୀ ବ୍ୟକ୍ତିତ୍ୱ ପ୍ରମୋଦ କୁମାର ସାହୁଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ଉପସ୍ଥିତ ପ୍ରମୋଦପ୍ରେମୀମାନେ ଏହିଭଳି ଭାବେ ସ୍ୱର୍ଗତଃ ସାହୁଙ୍କୁ ମନେପକାଇଛନ୍ତି। ପ୍ରମୋଦ କୁମାର ସାହୁ ସ୍ମୃତି ପରିଷଦର ଅଧ୍ୟକ୍ଷ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ମୁକୁନ୍ଦପ୍ରସାଦ ପ୍ରଫୁଲ୍ଲ ପ୍ୟାଲେସ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତଃ ସାହୁ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ସହ ନିଜକୁ ସାରସ୍ୱତ ସାଧନା, ସମାଜସେବା, ଶିକ୍ଷାଦାନରେ ନିୟୋଜିତ ରଖିଥିଲେ। ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସର୍ଭ, ଯୁବ ଭାରତୀ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାରିଅର ଗାଇଡାନ୍ସ, ସାହିତ୍ୟ ଅନୁଷ୍ଠାନ ବ୍ରେନ୍ ବଡ୍ ଆଦି ବିଭିନ୍ନ ଅନୁଷ୍ଠାନ ସେ ପ୍ରତିଷ୍ଠା କରିଥିଲେ। ଖୋର୍ଧା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି, ଖୋର୍ଦ୍ଧା ରୋଟାରୀ କ୍ଲବ, ଜଟଣୀ ପୁସ୍ତକମେଳାର ମୁଖ୍ୟ ପୃଷ୍ଠପୋଷକ ଭାବେ ସେ ସମସ୍ତଙ୍କର ପ୍ରିୟ ଥିଲେ ବୋଲି ବିଧାୟକ ଶ୍ରୀ ମିତ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ନିରଂଜନ ସାହୁ କହିଥିଲେ ଯେ, ପ୍ରମୋଦ ବାବୁ ଜଣେ ଆପଣାର ମଣିଷ ଥିଲେ। ସମସ୍ତଙ୍କୁ ଆତିଥେୟ ପ୍ରଦାନ କରି ସ୍ନେହ, ମମତାରେ ବାନ୍ଧି ରଖୁଥିଲେ। ଅନ୍ୟତମ ଅତିଥି ଓସେପାର ରାଜ୍ୟପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ସାମ୍ବାଦିକ ତଥା ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ଗୁଣାବଳି ସଂପର୍କରେ ବକ୍ତବ୍ୟ ରଖି ତାଂକୁ ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ସ୍ୱର୍ଗତଃ ସାହୁଙ୍କୁ ବିଶ୍ୱଭ୍ରାତୃତ୍ୱର ନିଆରା ମଣିଷ ଭାବେ ଅଭିହିତ କରିଥିଲେ। ସେ ନିଜର ସୃଜନଶକ୍ତି ଓ ଆତ୍ମୀୟତା ବଳରେ ବିଶ୍ୱର ବିଭିନ୍ନ ଦେଶର ସାହିତ୍ୟିକମାନଙ୍କୁ ଏକତ୍ରିତ କରି ୱାର୍ଲଡ ପୋଏଟ୍ରି କନଫରେନ୍ସ କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'ପ୍ରମୋଦ ପ୍ରଦୀପ' ଏବଂ ତାଙ୍କ ଲିଖିତ ଦୁଇଟି କବିତା ସଂକଳନ 'ରିଫଲଜେଂଟ୍ ଡ୍ରିମସ୍' ଓ 'ହାଟ ସାରି ଫେରୁଥିବା ବାଟୋଇ' ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଭାଗିରଥୀ ସାହୁଙ୍କୁ ସ୍ୱର୍ଗତଃ ପ୍ରମୋଦ କୁମାର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଛତ୍ରପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ କୁମାରୀ ଲିଜା ସୁନ୍ଦରାୟଙ୍କୁ ସମ୍ମାନିତ କରାଯିବା ସହ ୧୦ ହଜାର ଟଂକାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ସାହୁଙ୍କ କନିଷ୍ଠ ଭ୍ରାତା ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ବଂଧୁ ସନ୍ନ୍ୟାସୀ ପ୍ରଧାନ, ଡ. ରବୀନ୍ଦ୍ର କୁମାର ଚୌଧୁରୀ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଦିବାକର ମୁଦୁଲି, ଶକ୍ତିଧର ମହାପାତ୍ର, ଆଶିଷ କୁମାର ଜେନା, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ସ୍ୱର୍ଗତଃ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଐତିହାସିକ



ସତ୍ୟବାଦୀ ବଳିଆରସିଂହ ନିଜ ସଭାପତି ଅଭିଭାଷଣରେ ତାଙ୍କର ପ୍ରିୟ ଛାତ୍ର ସ୍ୱର୍ଗତଃ ସାହୁଙ୍କୁ ଜଣେ ହୀରା ଭାବେ ବର୍ଣ୍ଣନା କରିଥିଲେ। ରଣପୁର ରାଜାଙ୍କ ଦରବାରର ଖ୍ୟାତନାମା ସଂଗୀତଜ୍ଞ ଲୋକନାଥ ସାହୁଙ୍କ ନାତି ତଥା ଆଦର୍ଶ ଶିକ୍ଷକ କୁଳମଣି ସାହୁଙ୍କ ପୁତ୍ର ସ୍ୱର୍ଗତଃ ପ୍ରମୋଦ ସାହୁ ବୋଲଗଡ଼ ବ୍ଲକ୍ ଦେଉଳି ଗ୍ରାମରେ ୧୯୫୬ ମସିହା ଏପ୍ରିଲ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଗଡ଼ବାଣୀକିଲୋ ଉଚ୍ଚବିଦ୍ୟାଳୟରେ ସେ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ। ଅର୍ଥନୀତିରେ ଏମ୍‌ଏ କରିବା ପରେ ସେ ବାରଙ୍ଗ କୁଂଜବିହାରୀ କଲେଜରେ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଂକ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ଭାବେ ଯୋଗଦେଇଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ସେ ପ୍ରାଂଜଳଭାବେ ଲେଖିପାରୁଥିଲେ ଓ କହିପାରୁଥିଲେ। ତାଂକର ଲେଖା ରିଡର୍ସ ଡାଇଜେଷ୍ଟ, ଭବନସ ଜର୍ନାଲ ଭଳି ପତ୍ରିକାରେ ପ୍ରକାଶ ପାଉଥିଲା। ଷ୍ଟ୍ରିକ୍ ଅଫ୍ ହାର୍ଟ, ବ୍ରେନ ବଡ୍, ଇଟରନାଲ ଫ୍ଲେମ୍ ଆଦି ପୁସ୍ତକ ସେ ଲେଖିଥିଲେ। ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱର୍ଗତଃ ସାହୁଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ସାହୁ, କନିଷ୍ଠ ପୁତ୍ର ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟେଷ୍ଠପୁତ୍ର ସଫ୍ଟୱେୟାର ବିଶେଷଜ୍ଞ ପ୍ରୀତିପ୍ରଭ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୫

# ପଥଭ୍ରଷ୍ଟ ମାନବ ପାଇଁ ପଦେ



ଅନୀତା ପଟ୍ଟନାୟକ

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ। ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧ୍ୟମରେ ମିଳେନାହିଁ। କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ। ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ। ସର୍ବଂ ବିଷ୍ଣୁମୟଂ ଜଗତଂ, ଇଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ। ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ। ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ୍ୟ ତାହାକୁ କେହି ଅନୁସରଣ କରନ୍ତି ନାହିଁ। ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ। ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି। ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି। ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି। ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି। ମୋର କଣ ନଥିଲା? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ।

ଏକଥା ମୋ ପୁଅ ମନକୁ ବଡ଼ ପାଇଲା। କହିଲା ବାପା ଏତେ କଷ୍ଟ କରିବା କାହିଁକି? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା। ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ। ଝିଅ ରୂପା ମନକୁ ମଧ୍ୟ ଭାଇର କଥା ଭଲ ପାଇଲା। ସେ କହିଲା ବାପା! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା। ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି। କିନ୍ତୁ ତୁମର ଏହି ଆଧ୍ୟାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ।

ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି। ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି। ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ। ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ। ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ। ଅଗ୍ନିରେ ଦହନଶକ୍ତି ଥାଏ। ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି। ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ। ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ। ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ। କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ। ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି। କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧ୍ୱରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ। ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ।

ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା। ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ। ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧ୍ୟାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ। ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଂଯତ ହୋଇପଡ଼େ। ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ। ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ। ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ। ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ। ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି। ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ। କି ବିସ୍ମୟକର ଦେବତା।

*ଅବସରପ୍ରାପ୍ତ ପ୍ରଧାପିକା,*
*ସେକ୍ଟର-୧୦,*
*ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଖ୍ରୀଷ୍ଟିଆନ୍ ତାଲିବାନି ଓ ସରକାରୀ ଆତଙ୍କବାଦ୍ ବୋଲି ଇଶ୍ରାଏଲ ଓ ହାମାସ ଯୁଦ୍ଧକୁ କିଏ ନ କହୁ



ଡୁଇଟ୍ ଡେଭିଡ ଫିଲିପ

ପୃଥିବୀରେ ଗୋରା ସରକାର ଉପନିବେଶବାଦ ପାଇଁ ସଦା ଘୃଣ୍ୟ। ଦାସ ପ୍ରଥା ପାଇଁ ଇଉରୋପ ସଦା ବଦନାମ। ଦକ୍ଷିଣ ଆଫ୍ରୀକା ଓ ଆମେରିକା ଦ୍ୱାରା ଆପାଥାଏଡ ବା ଗୋରା ସରକାରଙ୍କ ଦ୍ୱାରା କଳା ମାନଙ୍କୁ ଘୃଣା ଓ ଭେଦ ଭାବ, ସେପରି ଭାରତରେ ଶାସକଙ୍କ ଦ୍ୱାରା ଜାତିବାଦ, ନିଜର କୁକୃତ୍ତି ପାଇଁ ମାନବ ଇତିହାସ ଚିର କାଳ ପାଇଁ ଲଜ୍ଜା ଭୋଗୁଛି । ଯେବେଠୁ ଗଣତନ୍ତ୍ର ଭାବନାର ଆବିର୍ଭାବ ହୋଇଛି, ଇତିହାସ ମାନବିକ ଅଧିକାର ଓ ମାନବିକତା ଲାଗି, ଶିଶୁ, ନାରୀ, ବୃଦ୍ଧ, ବିକଳାଙ୍ଗ, ଜନଜାତି ନପୁଂସକ ଓ ସମ ଲିଙ୍ଗି ପାଇଁ ନ୍ୟାୟବାନ ଓ ଉଦାର ହୋଇ ସଭ୍ୟ ସମାଜର ସାକ୍ଷ୍ୟ ଦେଉଛି।

ଭଗବାନ ବୁଦ୍ଧ ଦେବ, ଇଶ୍ୱର ଯିଶୁ ଖ୍ରୀଷ୍ଟ, ପରେ ଗାନ୍ଧୀଜୀ ଓ ତାପରେ ନେଲସନ ମଣ୍ଡେଲା, ପୃଥିବୀ ସମାଜ ପାଇଁ, 'ମାନବ ଧର୍ମର' ସୁଶିକ୍ଷା ଓ ସ୍ଥାପନ ପାଇଁ ପରମାତ୍ମାଙ୍କ ଶ୍ରେଷ୍ଠ ଦାନ କୁହାଯିବ। ସେ ପ୍ରକାର ପ୍ରଥମେ ବାବିଲୋନୀୟ, ତାପରେ ପାରସ୍ୟ, ତାପରେ ଗ୍ରୀକ୍, ତାପରେ ରୋମୀୟ, ଓ ଶେଷରେ ଇଂରେଜମାନଙ୍କର ଆଧିପତ୍ୟ, କୃର ସାଶନ ଓ ବର୍ବରତାର ସର୍ବଶ୍ରେଷ୍ଠ କଳଙ୍କିତ ଉଦାହରଣ। ତଥାପି ବି ଜଗତ ବର୍ବରତାକୁ ଘୃଣା କରୁନାହିଁ କିମ୍ବା ପ୍ରତ୍ୟାଖ୍ୟାନ କରୁନାହିଁ। ଦେଖିବାକୁ ମିଳୁଛି। ଏସବୁ ଶାସନରେ ସବୁ ପ୍ରକାର, କଳା, ସ୍ଥାପତ୍ୟ, ସାହିତ୍ୟ, ବିଜ୍ଞାନର ବିକାଶ ମଧ୍ୟ ହୋଇଛି, ତାହା ଖଣ୍ଡନ କରାଯାଇ ପାରିବ ନାହିଁ। ଯେଉଁ ସମୟ ଓ କାଳରେ ମାନବ ସମାଜ ହନ୍ତ ସନ୍ତ ଓ ଜୀବନ ଦୁଷ୍କର ଓ ହିନ ହେଉଛି, ସେଇଠି ଇତିହାସ ସମୟକୁ ନାଁ ଦେଇଛି 'କଳା ଯୁଗ' ବା ଯବନ୍କଳ ବଶର। ଇତିହାସରେ ସେସମୟର ଶାସନ, ସମାଜ ଓ ଧର୍ମ, ନିନ୍ଦା ବିହୀନ ହୋଇ ରହି ଯାଏନି । ହିନ୍ଦୁ ହେଉକି ଖ୍ରୀଷ୍ଟିଆନ ଧର୍ମ, ଅବା ମୁସଲମାନ ଧର୍ମ, ସଂସ୍କାରର ଗୁରୁ ଗମ୍ଭୀର ସ୍ଲୋଗାନ ସମ୍ମୁଖରେ ସମସ୍ତେ ନତ ମସ୍ତକ ହୋଇଛନ୍ତି। ବୁଦ୍ଧ ଓ ଜୟିନ ହିନ୍ଦୁ ପାଇଁ, ପ୍ରୋଟେଷ୍ଟାଡ ବିପ୍ଲବ ଖ୍ରୀଷ୍ଟିଆନ ପାଇଁ, ସିଆ, ସୁନ୍ନି ଓ ସୁଫି ପରି ଚିନ୍ତା ମୁସଲମାନ ପାଇଁ, ସଂସ୍କାର ବାର୍ତ୍ତା ମାଆଙ୍କର ଜ୍ୱଳନ୍ତ ଉଦାହରଣ ଓ ସେସବୁ ସଂସ୍କାରର ସାହିତ୍ୟ ଓ ରଚନା ଗୁଡ଼ିକ ପିରାମିଡ୍ ପରି ଠିଆ ହୋଇ ସାକ୍ଷ୍ୟ ଆଜିବି ଦେଇ ଚାଲିଛି। ସଂସ୍କାରରି ମାନେ ଏବେବି ଏସବୁ ସାହିତ୍ୟ ଓ ଇତିହାସକୁ ପଢ଼ି ଚାଲିଛନ୍ତି କିନ୍ତୁ ପୃଥିବୀ ଭୁଲ ଗୁଡ଼ିକୁ ଦୋହରାଇ ଚାଲିଛି ଓ ନିରହ ମାନଙ୍କର ରକ୍ତ ବୋହି ଚାଲିଛି, ସ୍ୱପ୍ନ ଓ ଘର ଭାଙ୍ଗି ଚାଲିଛି। ଆବଶ୍ୟକ କ'ଣ?

ପୃଥିବୀରେ, ପୁଞ୍ଜିପତି ପାଇଁ, ସରକାରୀ ମାଧ୍ୟମରେ ଭୂସମ୍ପତ୍ତି ଅଧିଗ୍ରହଣ ଓ ଦଖଲ, ସରକାରୀ ଆତଙ୍କବାଦ୍ ନୁହେଁ ତ କଣ? ବିଭିନ୍ନ ମହାଦେଶରେ ପ୍ରଶାସନର ଶକ୍ତିକୁ ଅପବ୍ୟବହାର କରି ଆଦିବାସୀଙ୍କୁ ଜଳ ଜଙ୍ଗଲ ଓ ଜମିରୁ ଉଚ୍ଛେଦ, ସରକାରୀ ଆତଙ୍କବାଦ୍ ନୁହେଁତ କଣ। ନିର୍ଦ୍ଦିଷ୍ଟ ଧର୍ମ, ଶ୍ରେଣୀ ଓ ଜାତି ପାଇଁ ସରକାରୀ ସୁରକ୍ଷା ଓ ସରକାରୀ କୋହଳ ନୀତି ଅବା ନିର୍ଦ୍ଦିଷ୍ଟ ଧର୍ମ, ଶ୍ରେଣୀ ଓ ଜାତି ପାଇଁ ସରକାରୀ କଟକଣା, ସରକାରୀ ଆତଙ୍କବାଦ୍ ନୁହେଁତ ଆଉ କ'ଣ?

ବୁଦ୍ଧ, ଗାନ୍ଧୀ, ମାଣ୍ଡେଲା ନିଜର ସାକ୍ଷ୍ୟମୟ ଜୀବନ ପାଇଁ ପୂଜ୍ୟ। ସେମାନଙ୍କର ଶ୍ରେଷ୍ଠ ଉପାଖ୍ୟାନ ଗୁଡ଼ିକ ହେଉଛି, ମଣିଷକୁ ମଣିଷ ବ୍ୟବହାର, ସେବା, ପ୍ରେମ ଓ କ୍ଷମା । ସାରା ବିଶ୍ୱରେ ଖ୍ରୀଷ୍ଟିଆନ ସଂଖ୍ୟା ସର୍ବ ବୃହତ୍। ଯିଶୁଖ୍ରୀଷ୍ଟ କହି ଚାଲି ଗଲେ 'ପୋଡୋଷିକୁ ଆତ୍ମ ତୁଲ୍ୟ ପ୍ରେମ କର', 'ସାତ ଗୁଣ ସତୁରୀ ଥର କ୍ଷମା କର', 'ମୋତେ ଯଦି ପ୍ରେମ କରୁଛ, ଅନ୍ୟକୁ ପ୍ରେମ କର'। ବିଭିନ୍ନ ଧର୍ମର ଧର୍ମାବଲମ୍ବୀ ବୋଲଇ ଏହି ସାକ୍ଷ୍ୟ ବହନ କରୁଛି କି? କିନ୍ତୁ ଆମେ ଜାଣୁ, ପଶୁବି ପ୍ରେମ ବୁଝେ ଓ ପୋଷା ମାନେ। ସାମ୍ରାଜ୍ୟବାଦ/ପୁଞ୍ଜିବାଦ/ଖାଉଟିବାଦ୍, ବିଜ୍ଞାନର ବିକାଶ ପାଇଁ କୋଟି କୋଟି ଅର୍ଥ ଖର୍ଚ୍ଚ କରେ। ସେଥିପାଇଁ ବିଜ୍ଞାନର ଉପକରଣ ବିଜ୍ଞାନର ବାହାନା କରି ଖାଉଟି ବାଦ୍ ବଢାଇବା ପାଇଁ ବ୍ୟୟ ବହୁଳ ବିଜ୍ଞାପନ କରେ। ସାଧାରଣ ଓ ଅସାଧାରଣ ମଣିଷ ଏହାର ଶିକାର ଓ ଭୃତ୍ୟ। ଭୋଗ ବିଳାସର ବସ୍ତୁ କିଣିବା ପାଇଁ ପ୍ରଚାର ପ୍ରସାର ଚାଲେ ଓ ତାହା ହାସଲ କରିବା ପାଇଁ ଚାଲିଛି ଏକ କ୍ଷୀପ୍ର ଦୌଡ। ଜଳ, ଜଙ୍ଗଲ ଓ ଜମି ବ୍ୟତୀତ ସାହିତ୍ୟ, କଳା ଓ ଖାଦ୍ୟ, ବିଜ୍ଞାନର ବ୍ୟବହାର ନାଁରେ ସାମ୍ରାଜ୍ୟବାଦ୍, ପୁଞ୍ଜିବାଦ ଓ ଖାଉଟିବାଦ ପାଇଁ ପୃଥିବୀ ବିପର୍ଜୟ ମୁଖି ଦିନକୁ ଦିନ ହୋଇ ଚାଲିଛି। ଆଜି ସରକାର ମାନଙ୍କଠାରୁ ସାମ୍ରାଜ୍ୟ ବାଦି ଓ ପୁଞ୍ଜିବାଦି ମାନେ ଅତି ପ୍ରଭାବଶାଳୀ ସରକାରଙ୍କୁ ସେମାନେ ଚଳାଉଛନ୍ତି। ପଇସା ବାଲା ପ୍ରାୟ ସବୁ ଗଣ ତନ୍ତ୍ରରେ ଜନ ପ୍ରତିନିଧି।ପ୍ରତି କ୍ଷେତ୍ରରେ ମଣିଷ ଚାହେଁ, ଆୟ ବଢୁ, କାମ କମୁ ଓ ଉତ୍ତର ଦାୟିତ୍ୱ ନରହୁ। ସାମ୍ରାଜ୍ୟ ବାଦି ଓ ପୁଞ୍ଜିବାଦି ଏହା ଶୁନଶ୍ଚିତ କଲା ବେଳକୁ, ସରକାର ଆଇନ ଓ ନ୍ୟାୟ ବ୍ୟବସ୍ଥା ଏହାକୁ ଧରି ବ୍ୟକ୍ତିକୁ ଉତ୍ତର ଦାୟି କରିବା ପାଇଁ

ଅନେକ ଦେଶରେ ଅନେକ କଷ୍ଟ ଓ ସଙ୍ଘର୍ଷ କରଛନ୍ତି। ସମସ୍ତଙ୍କୁ ବିଜ୍ଞାନ, ଆୟ ଓ କ୍ଷମତା ଆକର୍ଷଣ କରୁଛି ଓ 'ଆୟ ବଢୁ, କାମ କମୁ, ଉତ୍ତର ଦାୟିତ୍ୱ ନରହୁ' ଏହି ଚାହିଦା ଓ ସ୍ଲୋଗାନକୁ, ସରକାର ଅପେକ୍ଷା ସାମ୍ରାଜ୍ୟ ବାଦି ଓ ପୁଞ୍ଜିପତି ଭଲରେ କରାଇ ଦେଇ ପାରୁଛନ୍ତି।ଇସ୍ରାଏଲ ଓ ପାଲେଷ୍ଟାଇନ/ହାମାଶ ସଂଘର୍ଷରେ, ଆମେରିକା ଓ ଇଉରୋପର ଅନେକ ଦେଶ ବିନା ସର୍ତରେ ଇସ୍ରାଏଲକୁ ସମର୍ଥନ କରୁଛନ୍ତି। ଏହା ଅନେକଙ୍କୁ ଉଚିତ୍ କମ ଲୋକଙ୍କୁ ଅନୁଚିତ ମନେ ହେଉଛି। ହାମାସ ପ୍ରଥମେ ଆକ୍ରମଣ କଲା ଓ ଶିଶୁ, ମହିଳା ଓ ସର୍ବ ସାଧାରଣଙ୍କୁ ମାରିଲା, ତେଣୁ ଏହି ଯୁଦ୍ଧକୁ, ପ୍ରତିଶୋଧ ଓ ଆତଙ୍କ ଦମନର ଯଥାର୍ଥ ଉତ୍ତର ବୋଲି କୁହାଯାଉଛି। ପ୍ରଶ୍ନ ଉଠୁଛି ଆତଙ୍କବାଦୀଙ୍କୁ ମାରିବାପାଇଁ ଶିଶୁ, ମହିଳା ଓ ସାଧାରଣ ନାଗରିକଙ୍କୁ ମାରିବା କଣ ନିତାନ୍ତ ଆବଶ୍ୟକ? ବିନଲାଦେନ ପରି ସର୍ବଦେଶୀୟ ଆତଙ୍କବାଦୀ ଓ ନରଘାତକକୁ ମାରିବା ପାଇଁ ସେସମୟର ଆମେରିକିୟ ସରକାର, ସର୍ବ ସାଧାରଣଙ୍କୁ ବଳି ପକାଇ ନଥିଲା। ଶିଶୁ, ମହିଳା ଓ ସାଧାରଣ ନାଗରିକଙ୍କୁ ହଜାର ହଜାର ସଂଖ୍ୟାରେ ମାରିଦେବାଟା, ଧର୍ମ ଓ ମାନବିକତାର ଠିକାଦାର ମାନଙ୍କୁ ଖରାପ ଲାଗୁନି କାହିଁକି? ମନେ ହେଉଛି ପୃଥିବୀର ତିନୋଟି ଧର୍ମ, ଯିହୁଦୀ, ଖ୍ରୀଷ୍ଟିଆନ ଓ ଇସଲାମ, ଇସ୍ରାଏଲ ଦେଶ ଓ ଯିରୁଶାଲେମ୍ ମାଟିରେ, ପୁଞ୍ଜିବାଦ ଓ ସାମ୍ରାଜ୍ୟ ବାଦର ପେଶାରେ, ନିଜର ଆତ୍ମହୁତି ଦେଉଛନ୍ତି। ଆଉ ଲାଗୁଛି ପୁଞ୍ଜିବାଦ ଓ ସାମ୍ରାଜ୍ୟ ବାଦ ମଣିଷ ବିନିମୟରେ ନିଜର ଅମାନବିକତା ଓ ଆଧୁନିକ ବିଜ୍ଞାନ ସଭ୍ୟତାର ବିଳୟର ନଗ୍ନ ଚିତ୍ର ପ୍ରଦର୍ଶନ କରୁଛନ୍ତି।ଯିଶୁ କହିଛନ୍ତି, 'ଯିଏ ନିଜ ଭାଇକୁ କ୍ଷମା କରି ନାହିଁ ତାଠି ମୋର ଅଂସ ନାହିଁ'। ଯିଶୁ ଏହାମଧ୍ୟ କହିଛନ୍ତି ' ଯାଇ ସର୍ବ ଜଗତକୁ ପ୍ରଚାର କର ଓ ବାପ୍ତିସ୍ମ ଦିଅ, ଶିଷ୍ୟ କର'। ତେବେ, ସେବା, ପ୍ରେମ ଓ କ୍ଷମାର ଧର୍ମ, ସେବା, ପ୍ରେମ ଓ କ୍ଷମାକୁ ଛାଡ଼ି ଯୀଶୁଙ୍କୁ କିପ୍ରକାରେ ପ୍ରଚାର କରିବ। difficult time is witnessing time ବା ବିପଦର ସମୟହିଁ ସାକ୍ଷ୍ୟ ବହନର ସମୟ ଖ୍ରୀଷ୍ଟିଆନ ମାନେ ବିଶ୍ୱାସ କରନ୍ତି, ତେବେ ପର୍ତିଶୋଧ କାହିଁକି। Attack is best defence ବା ଆକ୍ରମଣ ହେଉଛି ସର୍ବୋତ୍ତମ ପ୍ରତିରୋଧ। ଅବିଶ୍ୱହାନୀୟ। ଯେହେତୁ, war bigets ୱାର। ଯୁଦ୍ଧ, ଯୁଦ୍ଧକୁ ଜନ୍ମ ଦିଏ।

ଅଧିକନ୍ତୁ, ଜିହୁଦି ମାନେ ଯୀଶୁଙ୍କୁ କ୍ରୁଷରେ ଚଢ଼ାଇ ମାରି ଥିଲେ। ଯୀଶୁଙ୍କ ମୃତ୍ୟୁରୁ ଉଠିବା ସତ୍ୟତାକୁ ମନ ଗଢ଼ା କାହାଣୀ ବୋଲି କହିଲେ। ଜିହୁଦି, ଯିଶୁ ଆସିନାହାନ୍ତି, ଆସିବେ ବୋଲି ଅପେକ୍ଷା କରନ୍ତି। କିଛି ଯିହୁଦି ଖ୍ରୀଷ୍ଟିଆନ ଅଟନ୍ତି। ସେମାନେ ଯୀଶୁଙ୍କୁ ବିଶ୍ୱାସ କରନ୍ତି ସତ କିନ୍ତୁ ତାଙ୍କ ସଂଖ୍ୟା ଅତି କମ୍। ବାଇବଲ କହେ, 'ଇସ୍ରାଏଲ ପାଇଁ ପ୍ରାର୍ଥନା କର'। ଏହାର ଅର୍ଥ କ'ଣ, ବାଇବଲ ରକ୍ତ ପାତର ସମର୍ଥକ। କେବେ ନୁହେଁ।ଗୋରା ସରକାର, ଖ୍ରୀଷ୍ଟିଆନ ବିଶ୍ୱାସୀଙ୍କ ଏକ ପ୍ରତୀକ ବୋଲି ଅନେକ ଗ୍ରହଣ କରି ନେଇଛନ୍ତି। ଭାରତରେ ଖ୍ରୀଷ୍ଟିଆନ କହିଲେ ବିଦେଶୀ ଗୋରା ଓ ୟୁରୋପୀୟ ମାନଙ୍କୁ ସାଧାରଣତଃ ବୁଝନ୍ତି। ଇଂଲଣ୍ଡ, ଜର୍ମାନ ଓ ପର୍ତ୍ତୁଗୀଜ୍ ହିଁ ଭାରତରେ ଖ୍ରୀଷ୍ଟ ଧର୍ମ ପ୍ରଚାର ପ୍ରସାର କଲେ, କିନ୍ତୁ ଇତିହାସ କହେ, ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବରୁ ଯିହୁଦି ମାନେ ଭାରତକୁ ଆସୁଥିଲେ ଓ ଇଂଲଣ୍ଡ, ଜର୍ମାନ ଓ ପର୍ତ୍ତୁଗୀଜ୍ ଦେଶମାନେ, ଯୀଶୁଙ୍କୁ ଜାଣିବା ପୂର୍ବରୁ ସାଧୁ ଥୋମା ଭାରତକୁ ଆସି ଯୀଶୁଙ୍କ ବାଣୀ ପ୍ରଚାର କରିଥିଲେ। ମଧ୍ୟ ଯୁଗରେ ଇଂଲଣ୍ଡ, ଜର୍ମାନ ଓ ପର୍ତ୍ତୁଗୀଜ୍ କାହିଁକି, ସାରା ଇଉରୋପ ପୁଞ୍ଜିବାଦୀ, ସାମ୍ରାଜ୍ୟ ବାଦି ଥିଲା ଓ ସ୍ଥାନୀୟ ଲୋକଙ୍କୁ ଖୁସି କରିବା ପାଇଁ ସରକାର ମାନେ ସ୍ଥାନୀୟ ଧର୍ମ ଗୁଡ଼ିକକୁ ସମର୍ଥନ କରି ସ୍ଥାନୀୟ ଲୋକର ପ୍ରିୟ ହେଉଥିଲେ, ରାଜ୍ୟ ଅଧିକାର କରୁଥିଲେ। ରୋମ ସରକାର ଯିହୁଦିଙ୍କୁ ପ୍ରଥମେ ସମର୍ଥନ କରିଥିଲା ଓ ଯିଶୁ ଖ୍ରୀଷ୍ଟଙ୍କୁ କ୍ରୁଷରେ ଟାଙ୍ଗିବାରେ ସହଯୋଗ କରିଥିଲେ। ରୋମ ସରକାର ବାଧ୍ୟ ହୋଇ ଥିଲା ଖ୍ରୀଷ୍ଟିଆନ ଧର୍ମକୁ ସମର୍ଥନ କରିବା ପାଇଁ ଯେହେତୁ, ଖ୍ରୀଷ୍ଟିଆନ ସଂଖ୍ୟା ଏସିଆ ଓ ଇଉରୋପ ରେ ହୁହୁ ହୋଇ ବଢୁ ଥିଲା। କିନ୍ତୁ ଖ୍ରୀଷ୍ଟ ଧର୍ମା ବଲମ୍ବି ରୋମୀୟ ଓ ଯିହୁଦିଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିଲେ।ପୃଥିବୀରେ ଇତିହାସ ଓ ପରିସ୍ଥିତି ଏପରି ଗୋଳିଆ ହୋଇ ସାରିଛିଯେ, ବିନା ପ୍ରେମ ଓ କ୍ଷମାରେ ପରସ୍ପର ଭିତରେ ଶାନ୍ତି ଆସି ପାରିବ ନାହିଁ, ଯୁଦ୍ଧର 'ଇତିହାସ ଓ ବର୍ତ୍ତମାନ', ଏହାର ସମାଧାନ ନୁହେଁ। ଅନ୍ଧ ଇସ୍ରାଏଲ ସମର୍ଥକ ଓ ଅନ୍ଧ ଭାବରେ ବାଇବେଲକୁ ଧର୍ମକୁ ବୁଝିଲେ ବାଇବେଲ ଓ ଧର୍ମ ଗ୍ରନ୍ଥ ମାନଙ୍କର ଓ ଯୀଶୁଙ୍କର ତଥା ବୁଦ୍ଧ, ଗାନ୍ଧୀ, ମାଣ୍ଡେଲା ଇତ୍ୟାଦିଙ୍କ ପ୍ରେମ ବାର୍ତ୍ତା ନଷ୍ଟ ହୋଇ ଯାଉଛି। ଯୀଶୁ କହିଛନ୍ତି, 'ଶତ୍ରୁକୁ ପ୍ରେମ କର, ପୋଡୋଷିକୁ ଆତ୍ମ ତୁଲ୍ୟ ପ୍ରେମ କର, ସାଠିଏ ଗୁଣ ସତୁରିଥର କ୍ଷମା କର'। 'ଯିଏ ଆପଣା ଭାଏକୁ ପ୍ରେମ କରେ ନାହିଁ, ତାଠି ମୋର ଅଙ୍ଗସ ନାହିଁ'। 'ମୁଁ କ୍ଷୁଧିତ ଥିଲି ମୋତେ ଖାଇବାକୁ ଦେଲ ନାହିଁ', 'ମୁଁ ତୃଷିତ ଥିଲି, ମୋତେ ପିଇବାକୁ ଦେଲ ନାହିଁ', 'ମୁଁ ଉଲଙ୍ଗ ଥିଲି ମୋତେ ପିନ୍ଧିବାକୁ ଦେଲ ନାହିଁ'। 'ଏ ନିମିତ୍ତ ମାନଙ୍କ ମଧ୍ୟରୁ ଯଦି କାହାକୁ କରିଛ', ତେବେ ମୋତେ କରିଛ'। ଏହି ଉକ୍ତି ଖ୍ରୀଷ୍ଟିଆନ କାହିଁକି, ଯୀହୁଦି, ମୁସଲମାନ ଓ ସର୍ବ ଜଗତ ପାଇଁ ଏହି ଉକ୍ତି ଏକ ଆହ୍ୱାନ ସର୍ବ ଜଗତ ପାଇଁ। 'ରକ୍ତରେ ଜୀବନ ଥାଏ ଓ ରକ୍ତ ଇଶ୍ୱରଙ୍କୁ ଡାକ ପକାଏ', ଏହା ବାଇବେଲର ପ୍ରଥମ ମଣିଷ ହତ୍ୟାରୁ ସୁସ୍ପଷ୍ଟ। 'ନର ହତ୍ୟା କର ନାହିଁ', ଏହା ତୃତୀୟ ଆଜ୍ଞା। ଇଶ୍ୱରଙ୍କ ମୋଷାଙ୍କ ଦ୍ୱାରା ଦତ୍ତ ଦସ ଆଜ୍ଞାକୁ ଯୀହୁଦି, ଖ୍ରୀଷ୍ଟିଆନ ଓ ମୁସଲମାନ ମାନେ (non-negtiable) ସାଲିଶକରା ଯାଇନ ପାରିବା ଆଜ୍ଞା ବା (blashphemi) ଇଶ୍ୱରଙ୍କ ବିରୁଦ୍ଧାଚରଣ କରିବା ଆଜ୍ଞା ବୋଲି ଗ୍ରହଣ କରନ୍ତି। ତା ଉପରେ, 'ପ୍ରେମକୁ ବସ୍ତ୍ର ରୂପେ ପରିଧାନ କର', ଏହା ଯୀଶୁଙ୍କର ଆଜ୍ଞା। ଏହି ଉପାକ୍ଷାନ ଗୁଡ଼ିକ ଜାଣି ସାରି, ଭାରତୀୟ ଖ୍ରୀଷ୍ଟିଆନ ହୋଇ, ତାଉପରେ ଗାନ୍ଧୀଜିଙ୍କ ଦାୟଦ ହୋଇ, ବର୍ତ୍ତମାନର ଯୀହୁଦି ଓ ହାମାଶ ବା ମୁସଲମାନ ମାନଙ୍କ ହାମାସ ସପକ୍ଷରେ ମତ ବା ଯୁଦ୍ଧ, ବା ଖ୍ରୀଷ୍ଟିଆନ ଯୀହୁଦିଙ୍କ ସପକ୍ଷରେ ମତ, ଧନ, ଯୁଦ୍ଧାସ୍ତ୍ର ଦେବା, କେଉଁ ଧର୍ମର ବିଶ୍ୱାସୀ ପାଇଁ ଗ୍ରହଣୀୟ ହେବ?

ଜାତୀ, ଧର୍ମ, ବର୍ଗ, ଦେଶ ଓ ଡି.ଏନ.ଏ ନିର୍ବିଶେଷରେ ରକ୍ତ ବୋହାଇବା ବନ୍ଦ୍ କରିବା ପାଇଁ ଜଳାଞ୍ଜଳି ଯଦି ନଦେବା, ଅନ୍ୟକୁ ଯଦି କ୍ଷମା ନକରିବା, ଆମେ ଯେକୌଣସି ଧର୍ମର ସୁଦ୍ଧା ହେଉଁ, ଆମେ ରକ୍ତ ବୁହାଇ ନିଜନିଜ ଧର୍ମକୁ କଳଙ୍କିତ କରୁଛୁ।

ଆଇନ ଜୀବୀ ଓ ସମାଜ ସେବୀ
କଳାହାଣ୍ଡି
ମୋ-୯୪୩୭୧୦୪୩୦୩

# ନିଶ୍ୱାସରେ ବିଷ : ଘାତକ ପବନ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଧିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି। କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ର୍ନିଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ୍ୟ ହୋଇପାରେ। ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ୍ୟ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ। ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା। କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ସାଧାରଣତଃ ଶୀତ ଦିନରେ ବାୟୁ ପ୍ରଦୂଷଣ ସ୍ତର ଅଧିକ ରହିଥାଏ। ଦିନକୁ ଦିନ ଗାଡ଼ି ମଟର ଚଳାଚଳ ବଢୁଥିବାରୁ ପ୍ରଦୂଷଣ ବଢୁଛି। ସେହିପରି କଂକ୍ରିଟ ଜଙ୍ଗଲ ବିଶାଳ ମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବାବେଳେ ଗ୍ରାମାଞ୍ଚଳରେ ଓଡ଼ିଶାରେ ଅନେକ ସ୍ଥାନରେ ନଡ଼ାକୁଟା ଆଦି ପୋଡା ହେଉଛି। ପୂର୍ବପରି ଆଉ ସେତେଟା ବୃକ୍ଷରୋପଣ ଦେଖାଯାଉନାହିଁ। ଏପରି ପରିସ୍ଥିତିରେ ଅତ୍ୟଧିକ ବାଣଫୁଟାର ବିଷାକ୍ତ ଧୂଆଁ ବାୟୁର ଅବସ୍ଥାକୁ ପୁରା ବିଗାଡ଼ି ଦେଉଛି। ସମୟ ଆସିଛି ଆମକୁ ଏ ନେଇ ସତର୍କ ଓ ସଚେତନ ହେବା ପାଇଁ ପଡ଼ିବ। ଚଳିତ ବର୍ଷ ଦୀପାବଳିରେ ଚାରିଲକ୍ଷ କୋଟି ଟଙ୍କାର ବାଣ ବେପାର ହୋଇଛି। ବ୍ୟାପକ ସଚେତନତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ, ପ୍ରଶାସନର କଟକଣା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିଷେଦ୍ଧାଦେଶ ଏସବୁ ସତ୍ତ୍ୱେ ଆମ୍ଭେମାନେ ଯଦି ଏହିପରି ଭାବରେ ବାଣ ଫୁଟାଇବା ଓ ନିଜ ପରିବେଶକୁ ଏବଂ ଆମ ଶ୍ୱାସପ୍ରଶ୍ୱାସର ମୁଖ୍ୟ ଅବଲମ୍ବନ ଅମ୍ଳଜାନର ମାତ୍ରାକୁ ବିଷାକ୍ତ କରିବା ତାହାହେଲେ ଏଥିରୁ ଆମ୍ଭମାନଙ୍କୁ କେହି ରକ୍ଷା କରିପାରିବେ ବୋଲି ଭାବିବା ନିରର୍ଥକ। ବୃକ୍ଷରୋପଣ ଯଥେଷ୍ଟ ହେଉନାହିଁ। ପୂର୍ବରୁ ପରିବେଶ ମଧ୍ୟ ସ୍ୱାଭାବିକ ଭାବେ ଅଙ୍ଗାରକାମ୍ଳ ମାତ୍ରାରୁ ବିଷାକ୍ତରୁ ଆହୁରି ବିଷାକ୍ତମୟ ହୋଇଚାଲିଛି। ଗାଡ଼ି ମଟରର ବ୍ୟବହାର ମାତ୍ରାଧିକ ହେଉଥିବାବେଳେ ଦିନକୁ ଦିନ ବଡ଼ ବଡ଼ କଂକ୍ରିଟ ଜଙ୍ଗଲ ମାଡ଼ି ଚାଲିଛି। ନଡ଼ାପୋଡା, ଇଟା ତିଆରି ଏବଂ ଅନେକ ଶିଳ୍ପ ଅନୁଷ୍ଠାନର ଧୂଆଁର ବିଷ ପ୍ରଦୂଷଣ ଆମ ଶ୍ୱାସପ୍ରଶ୍ୱାସର ଅଶ୍ୱସ୍ତିକର ଅବସ୍ଥାକୁ ଆହୁରି ଜଟିଳ କରିଦେଉଛି। ଏପରି ସମୟରେ ନିଜେ ନିଜ ବିବେକକୁ ପଚାରି ଏବଂ ନିଜେ ପ୍ରତି ଦିନ କିଛି ବିଷ କଣିକା ଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ନେଇ ନିଜକୁ ଅଳ୍ପାୟୁଷ କରୁଥିବାବେଳେ ଆମ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଆମେ ଏବେ ଠାରୁ କଣ କରୁଛେ ନିଜକୁ ଟିକେ ସ୍ଥିର ଚିତ୍ତରେ ପଚାରି ଏହାର ନିରାକରଣ ପାଇଁ ବାଟ ବାହାରିବା କଥା ..... ଏ ଦାୟିତ୍ୱ ସୁପ୍ରିମକୋର୍ଟ କିମ୍ବା ପ୍ରଶାସନର ଆଦୌ ନୁହେଁ।

ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮ ୨୭୬୭୬୦



# ମୋ ଓଡ଼ିଶା

## -ଭାଗବତ ଟୁଙ୍ଗି-

ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା, ମାହାତ୍ମ୍ୟ, ଭକ୍ତି ଆଦି ସଂପର୍କରେ ବ୍ୟାସଦେବ ପ୍ରଣୀତ ସଂସ୍କୃତ ଭାଗବତ ଅବଲମ୍ବନରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଏହା ଓଡ଼ିଆଙ୍କ ମଧ୍ୟରେ ଖୁବ୍ ଆଦରଣୀୟ ଏକ ଧର୍ମଗ୍ରନ୍ଥ। ଏକଦା ପ୍ରତ୍ୟେକ ମଧ୍ୟବିତ୍ତ ଓଡ଼ିଆ ଘରେ ଏକ ସ୍ୱତନ୍ତ୍ର ଗାଦିରେ ଏହାକୁ ପୂଜା କରାଯାଉଥିଲା। ଏବେ ମଧ୍ୟ ଏହି ପରମ୍ପରା ବଞ୍ଚିରହିଛି। ଘରେ ଭାଗବତ ପୂଜା ପାଉଥିବା ସ୍ଥାନକୁ ଭାଗବତ ଗାଦି କୁହାଯାଏ। ସେହି ପରି ଗ୍ରାମମାନଙ୍କରେ ଭାଗବତ ପୂଜା ପାଉଥିବା ଘରକୁ କୁହାଯାଏ ଭାଗବତ ଟୁଙ୍ଗି। ଏକ ସମୟରେ ଦୈନିକ ସନ୍ଧ୍ୟାରେ ଟୁଙ୍ଗିରେ ଭାଗବତ ବୋଲାଯାଉଥିଲା। ଗ୍ରାମବାସୀ, ବିଶେଷତଃ ବୃଦ୍ଧମାନେ ଏହା ଶୁଣିବା ପାଇଁ ରୁଣ୍ଡ ହେଉଥିଲେ। ଏ ସଂପର୍କରେ ନିର୍ଝରିଣୀରେ ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି ଭାଗବତ ଘରେ ରାମାୟଣ ପୋଥି ଗାଉଥିଲେ ପୁରୋହିତ, ଘୋର ବରଷାରେ ଅଶୋକ ବନରେ ସତୀ ବୈଦେହୀ ଚରିତ। ଭାଗୀରଥୀ ତୀରେ ଗହନ କାନ୍ତାରେ ଦେବର ଲକ୍ଷ୍ମଣ ଥରେ ରଥୁଁ ଅବତାରି ସୀତାଙ୍କୁ ଏକାକୀ ତେଜି ଫେରିଲେ ନଗରେ। ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରିଗଲା ଶିଶୁଘରେ, ନୂଆ ବୋହୂ ପାଶେ ବସି ବର୍ଷାଗୀତ ଗାଇଲା ଚୁଲି ମୁଣ୍ଡରେ। ଭାଗବତ ଟୁଙ୍ଗି ସଂସ୍ପର୍ଶରେ ପୂର୍ବ ଆଦର ଯଦିଓ ଆଉ ନାହିଁ। ତଥାପି ହଜିନାହିଁ, ମରିନାହିଁ ଏହି ଖାଣ୍ଟି ଓଡ଼ିଆ ସଂସ୍କୃତି। ଏହାର ପୁନରୁଦ୍ଧାର ପାଇଁ ଅନେକ ବ୍ୟକ୍ତି ତଥା ଅନୁଷ୍ଠାନ ପ୍ରୟାସରତ। ଜିଏମ୍‌ଆର୍ ବରାଲକ୍ଷ୍ମୀ ଫାଉଣ୍ଡେସନର ଦୃଷ୍ଟାନ୍ତ ଦିଆଯାଇପାରେ। ଏହି ସଂସ୍ଥା ପକ୍ଷରୁ ଢେଙ୍କାନାଳର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କମଳାଙ୍ଗ ଅଞ୍ଚଳର ତିନିଟି ଗ୍ରାମରେ ମୋଟ ଛଅଟି ଭାଗବତ ଟୁଙ୍ଗିର ନବନିର୍ମାଣ ସଂପନ୍ନ ହୋଇଛି। ଅଠରଟି କୀର୍ତ୍ତନ ମଣ୍ଡଳିକୁ ଢୋଲ, ଖଞ୍ଜଣି, ଝୁମୁକା, ଗିନି, ତୁରି ଆଦି ଯୋଗାଇଦିଆଯାଇଛି।

**ଭାଗବତ ଟୁଙ୍ଗିରେ ସନ୍ଧ୍ୟା :** ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବେଳକୁ ଭାଗବତ ଟୁଙ୍ଗିର ପତନ ପର୍ବ ଆରମ୍ଭ ହୋଇସାରିଥିଲା। ତାଙ୍କ ଗ୍ରାମର ଭାଗବତ ଟୁଙ୍ଗିରେ ତାଳପତ୍ର ପୋଥି ନଥିବା ଏବଂ ସନ୍ଧ୍ୟାରେ ଲୋକେ ସେଠାରେ ବସି ଉଡା ଖବର ବାବଦରେ ଆଲୋଚନା କରୁଥିବା ସେ ଲେଖିଯାଇଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୯୦୩ରେ ପ୍ରକାଶିତ ଭାଗବତ ଟୁଙ୍ଗିରେ ସନ୍ଧ୍ୟା ଏକ ସୁପ୍ରସିଦ୍ଧ ରମ୍ୟ ରଚନା। ଶ୍ରୀଦୁର୍ମୁଖ ଶର୍ମା ଛଦ୍ମନାମରେ ସେ ଏହା ଲେଖିଥିଲେ। ଏହା ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା।

**ଭାଗବତ ମେଳନ :** ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ଭାଗବତ ମେଳନ ଉତ୍ସବ ପାଳନ କରାଯାଏ। ଏହି ଅବସରରେ ଭିନ୍ନ ଭିନ୍ନ ସ୍ଥାନରେ ପୂଜିତ ଭାଗବତ ଗାଦିମାନଙ୍କୁ ବିମାନରେ ନିଆଯାଇ, ଏକ ସ୍ଥାନରେ ସମ୍ମିଳିତ କରାଯାଏ ଏବଂ ଯାତ୍ରା, କୀର୍ତ୍ତନ ଆଦି ଆୟୋଜିତ ହୁଏ।

## ବାଲେଶ୍ୱରରେ ବିଶ୍ୱ ମତ୍ସ୍ୟଜିବୀ ଦିବସ ପାଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ବ୍ରିଟ୍ କଲ୍ୟାଣ ମଣ୍ଡପ ପରିଷରରେ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାର ୫୦ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିସଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କୁମାର ରାଉତ, ଡ଼. ବନମାଳୀ ସାହୁ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସରଂକ୍ଷଣ ବିଭାଗ ଶ୍ରୀଯୁକ୍ତ ଶୀବ ଚରଣ ସେଠୀ, ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ସାହୁ, ବିଶ୍ୱଜିତ ଶତ୍‌ପଥୀ ପ୍ରମୁଖ ଯୋଗ ଦେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ରଖିବା ସହ ଅତିଥି ପରିଚୟ ଏବଂ ବିଶ୍ୱ ମତ୍ସ୍ୟ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମଧୁର ଏବଂ ସାମୁଦ୍ରିକ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ ହୋଇ ଶ୍ରେଷ୍ଠତ୍ୱ ପ୍ରତିବାଦନ କରିଥିବାରୁ ୫ ଜଣ ଅଗ୍ରଣୀ ଚାଷୀମାନଙ୍କୁ ମାନପତ୍ର ପୁରସ୍କାର ଏବଂ ଉପଢ଼ୌକନ ଦେଇ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର, ୟୁନିଟ୍-୬ସ୍ଥିତ ଲୋହିଆ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି କାହ୍ନୁ ନନ୍ଦ ଅଧକ୍ଷତା କରିଥିବା ବେଳେ ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସହ-ସମ୍ପାଦକ ମହେଶ୍ୱର ତ୍ରିପାଠୀ, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ପୁରୀ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସରୋଜ ମିଶ୍ର, ଶରତ ବାରିକ, ଦେବ ସିଂହ, ସରୋଜ ନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ଓ ଅବସର ଗ୍ରହଣ କରୁଥିବା ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ପ୍ରମୁଖ ୨ ଦଫା ଦାବି ସହିତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ଡିସେମ୍ବର ୧୫ ତାରିଖରେ ଧାରଣ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ସଭାପତି ଶ୍ରୀ ନନ୍ଦଙ୍କ ସୂଚନା ମୁତାବକ ଭାରତରେ ୧୭ଟି ରାଜ୍ୟରେ ସାମ୍ବାଦିକ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଏବଂ ୩ଟି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେଲାଣି, ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ନ ହେବା ନେଇ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ଚୌଧୁରୀ ଯୋଗ ଦେଇ ଏହି ଦାବି ସମ୍ପର୍କରେ ୨୦ ଅଗଷ୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ୧୯ ସେପ୍ଟେମ୍ବରରେ ମଧ ଏହାର ଅଗ୍ରଗତି ସମ୍ପର୍କରେ ମେଲ୍ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଆଜି ସଂଘର କାର୍ଯ୍ୟକାରିଣୀ ବୈଠକରେ ଡିସେମ୍ବର ୧୫ ତାରିଖରେ ବିଧାନସଭା ଆଗରେ ଦିନିକିଆ ଧାରଣା ଦେବାପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନିରଂଜନ ବାରିକ, ଚିତ୍ତରଂଜନ ଦାସ, ଗୌରାଙ୍ଗ ସ୍ୱାଇଁ, ବିପିନ୍ ସେଠୀ, ଗଙ୍ଗାଧର ରାଉତ, ମିହିର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଚାର ପରିବର୍ତ୍ତେ ବସ୍ତିର ମୌଳିକ ସମସ୍ୟାର ସମାଧାନ କରାଯାଉ



ରାଉରକେଲା (ପିଏନ୍): ରାଜ୍ୟ ସରକାର ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ବସ୍ତି ବିକାଶ କରିଥିବା କଥା କହୁଛନ୍ତି । ବିଭିନ୍ନ ବସ୍ତିରେ ପୌର ସଂସ୍ଥା ଜରିଆରେ ବସ୍ତି ଉନ୍ନୟନ କମିଟି ମଧ ଗଠନ କରିଛନ୍ତି । ତେବେ ଗତ କିଛିଦିନ ହେଲା ଜାଗା ଅଧିକାର କାର୍ଯ୍ୟକ୍ରମରେ ବସ୍ତିବାସୀଙ୍କୁ ସେମାନଙ୍କ ବାସଗୃହ ଜାଗାର ଅଧିକାର ଦିଆଯିବ ବୋଲି ପ୍ରଚାର ଚାଲିଛି । ତେବେ ଏତେସବୁ ପ୍ରଚାର ସତ୍ତ୍ୱେ ରାଉରକେଲା ମହାନଗର ନିଗମ ଅଂର୍ଗତ ବିଭିନ୍ନ ବସ୍ତିରେ ଆଶାନୁରୂପ ବିକାଶ ହେବା ପରିବର୍ତ୍ତେ ବିକାଶ ବାଟବଣା ହୋଇଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି କହିଛନ୍ତି । ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମରେ ୧୦ ନମ୍ବର ୱାର୍ଡର ମାଲଗୋଦାମ ବସ୍ତି, କ୍ଷେତି ବସ୍ତି ଓ ଚର୍ଚ୍ଚ ବସ୍ତି ଅଞ୍ଚଳ ବୁଲି ଦେଖିବା ସହିତ ସ୍ଥାନୀୟ ବସ୍ତିବାସୀଙ୍କ ସମସ୍ୟା ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରିଥିଲେ । ମାଲଗୋଦାମ ଓ କ୍ଷେତି ବସ୍ତିରେ ସମସ୍ତ ଅଞ୍ଚଳକୁ ଅଦ୍ୟାବଧି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ନ ହେବା, ନାଳିଗୁଡିକ ନିୟମିତ ଭାବେ ସଫେଇ ନ ହେବା ଏବଂ ଅନେକ ଅଞ୍ଚଳରେ ଆବଶ୍ୟକୀୟ କଂକ୍ରିଟ୍ ନାଳି ଓ ରାସ୍ତା ଅଦ୍ୟାବଧି ନିର୍ମାଣ ହୋଇନଥିବା ସମ୍ପର୍କରେ ବାସିନ୍ଦାମାନେ ଅଭିଯୋଗ କରିବା ସହିତ ସେଗୁଡିକୁ ବୁଲାଇ ଦେଖାଇଥିଲେ । କ୍ଷେତିବସ୍ତି ମଧଦେଇ ଯାଇଥିବା ମୁଖ୍ୟ ନାଳି ପାର୍ଶ୍ୱରାସ୍ତା ଅଧାରୁ ଛାଡି ଦିଆଯାଇଥିବା ବେଳେ ନିର୍ମିତ ରାସ୍ତାରୁ କିଛି ଭୁଷୁଡି ପଡିଥିବା ଦେଖିଥିଲେ । ସେହିପରି ବସ୍ତି ମଧରେ କେତେକ ଆଭ୍ୟ'ରୀଣ ରାସ୍ତା ଏଭଳି ନିର୍ମାଣ କରାଯାଇଛି ଯେ, ସାମାନ୍ୟ ବର୍ଷା ହେଲେ ସମ୍ପୃକ୍ତ ରାସ୍ତାରୁ ପାଣି ନିଷ୍କାସିତ ହୋଇପାରୁ ନଥିବା ବସ୍ତିବାସୀନ୍ଦାମାନେ ଅଭିଯୋଗ କରିଥିଲେ । ବସ୍ତିର କେତେକ ମୁଖ୍ୟ ସ୍ଥାନରେ ଲାଇଟ୍ ପୋଷ୍ଟ ନଥିବା ବେଳେ ଆଉ କେତେକ ସ୍ଥାନରେ ଲାଇଟ୍ ଜଳୁନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ସେହିପରି ଚର୍ଚ୍ଚ ବସ୍ତିରେ ଥିବା ନଳକୂପରୁ ଠିକ୍ ଭାବେ ପାଣି ବାହାରୁନଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ପାଇପ୍‌ରୁ ଜଳ ଯୋଗାଣ ଠିକ୍ ଭାବେ ହେଉନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ଏବେମଧ କେତେକ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ କିଛି ଯୋଗ୍ୟ ବିବେଚିତ ହିତାଧିକାରୀ ଭତ୍ତା ମଧ ପାଇପାରୁ ନାହାଁନ୍ତି । ଏସବୁ ସମସ୍ୟା ପ୍ରତି ଯେଭଳି ଭାବେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ତରଫରୁ ଗୁରୁତ୍ୱାରୋପ କରାଯିବା କଥା ତାହା ହେଉନାହିଁ ବୋଲି ଶ୍ରୀ ସେନାପତି ଅଭିଯୋଗ କରିଛନ୍ତି । ତେବେ ବସ୍ତିଗୁଡିକର ମୌଳିକ ସମସ୍ୟା ଗୁଡିକୁ ନେଇ ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ସେନାପତି ଏହି ଅବସରରେ ବାସିନ୍ଦାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ପିସିସି ସଭ୍ୟ ସବୀର ହୁସେନ, ସେବାଦଳର ସାରଦା ପ୍ରସନ୍ନ ଦାସ, ସ୍ଥାନୀୟ କଂଗ୍ରେସ ନେତା ଆବିଦ ହୁସେନ, ଜିଲ୍ଲା କଂଗ୍ରେସର ଦିଲ୍ଲିପ ଜେନା, ସ୍ଥାନୀୟ କଂଗ୍ରେସର ବିଜୟ ପରିଡା, ଅନୀଲ ଦାସ, ରୁଷି ସାହୁ, ରବୀନ୍ଦ୍ର ପ୍ରଧାନ, ସେକ ସମିର ପ୍ରମୁଖ ସାମିଲ୍ ହୋଇ ଏସବୁ ଅଞ୍ଚଳଗୁଡିକ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଶିଶୁ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଶିଶୁ ଅଧିକାର ଦିବସ ପାଳନ




ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳରେ ଥିବା ଶିଶୁ ସୁରକ୍ଷା ସମିତି ପକ୍ଷରୁ ଗତ ରବିବାର ଦିନ ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଶିଶୁ ସୁରକ୍ଷା ସମିତି ଯୋଡା ଶାଖାର ସଭାପତି ନିରଂଜନ ବହିଦାରଙ୍କ ଉଦ୍ୟମରେ ଶିଶୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କ୍ରମରେ ସମିତି ପକ୍ଷରୁ ପ୍ରାୟ ୧୫୦ ପାଖାପାଖି ଅବହେଳିତ ଶିଶୁଙ୍କୁ ନେଇ ସୁରକ୍ଷା ଦେଉଥିବା ଉକ୍ତ ସମିତି ପକ୍ଷରୁ ଏକ ସଚେତନତା ରାଲି ଯୋଡା କେନ୍ଦ୍ରୀୟ ଖେଳପଡିଆ ଠାରୁ ଆରମ୍ଭ କରି ପଶ୍ଚିମ ଯୋଡା ଠାରେ ଥିବା ଗାର୍ଲସ ଆର.ବି.ସି. ପର୍ଯ୍ୟନ୍ତ କରାଯାଇଥିଲା । ଏଥିରେ ପ୍ଲା-କାର୍ଡ ମାଧ୍ୟମରେ ଭିନ୍ନ ଭିନ୍ନ ସ୍ଲୋଗାନ ଲେଖାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା । ଶିଶୁ ଶ୍ରମିକ ବନ୍ଦ କର, ବାଲ୍ୟ ବିବାହ ବନ୍ଦ କର, ପ୍ରଜାପତି ବାଟ ଫୁଲ ଆଡକୁ ଶିଶୁଙ୍କ ବାଟ ବିଦ୍ୟାଳୟ ଆଡକୁ, ଶିଶୁ ପଢିବେ ପାଠ ଯୁବ କରିବେ କାମ, ଯୁବ ହେଲେ ଭରସା ଶିକ୍ଷା ହେବ ବରଷା, ଶିଶୁର ଅଧିକାର ପାଠ ପଢିବା ପ୍ରଭୃତି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା । ଶେଷରେ ଗାର୍ଲସ ଆର.ବି.ସି. ଠାରେ ସଭାପତି ନିରନ ବହିଦାରଙ୍କ ଦ୍ୱାରା ଏକ ସଭାର ଆୟୋଜନ କରାଯାଇ ଶିଶୁ ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ବ୍ୟତୀତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅସ୍ଥାୟାର ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଭିନ୍ନ ଗ୍ୟାରେଜ୍‌ରେ କାର୍ଯ୍ୟ କରୁଥିବା ତିନୋଟି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଆସ୍ଥାୟାରକୁ ପାଠ ପଢାଇବା ପାଇଁ ହସ୍ତାନ୍ତର କରାଯାଇଥିଲା ।

## ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ




ଭୁବନେଶ୍ୱର (ପିଏନ୍: ରୋଟାରି ଭବନଠାରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା-ମୁଖ୍ୟଅତିଥି ଭାବେ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା-ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଦେବରାଜ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ଆର୍ଥିକ, ସାମାଜିକ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକ ହୋଇ ଏକମନ ହୋଇ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ସମଗ୍ର ରାଜ୍ୟର ସବୁ ଜିଲ୍ଲାରୁ କୈବର୍ତ୍ତ ଭାଇ ଭଉଣୀମାନେ ଆସି ଏହି ଅଧିବେଶନରେ ଯୋଗ ଦେଇଥିଲେ ଓ ମୁଖ୍ୟ ସଂଯୋଜକ ନାରାୟଣ ବେହେରା ସଭା ପରିଚାଳନା କରିଥିଲେ । ଏହି ସଭାରେ ପରିଷଦର ସଭାପତି ପଦ ଖାଲି ପଡ଼ିଥିବା ଯୋଗୁଁ ସଭାପତି ପଦ ପାଇଁ ସର୍ବସମ୍ମତିକ୍ରମେ ଦେବେନ୍ଦ୍ର ବେହେରାଙ୍କ ନାମକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କର ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ କୈବର୍ତ୍ତ ଭାଇଭଉଣୀମାନେ ସମର୍ଥନ ଜଣାଇଥିଲେ। ନୂଆ ସଭାପତି ଦାୟିତ୍ୱ ନେବାପରେ ପ୍ରଥମେ ପରିଷଦକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ମୋ ଜାତିକୁ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ମୁଁ ବଦ୍ଧ ପରିକର ବୋଲି ସଭାପତି ନିଜ ଭାଷଣରେ ଉଲ୍ଲେଖ କରିଥିଲେ। ଏପରିକି ସରକାରଙ୍କ ବିଭିନ୍ନ ଯୋଜନା ଆମ ଜାତି ପାଇଁ ଯାହାସବୁ ଅଛି ତାକୁ ସମସ୍ତଙ୍କ ସାମ୍ନାକୁ ଆଣିବା ପାଇଁ ଭରପୁର ଚେଷ୍ଟା କରିବେ ବୋଲି ସଭାପତି କହିଛନ୍ତି । ସେହିପରି ୧୯୫୦ ମସିହାରୁ ଏହି ମହାସଭା କଟକରୁ ଆରମ୍ଭ ହୋଇ ଆଜି ସବୁ ଜିଲ୍ଲାରେ ନିଜର ସଂଗଠନ ତିଆରି କରିଛି । ଏହି ଜାତିର ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟା କରିଚାଲିଛି । ଆଜିର ଏହି ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଜଳସ୍ରୋତ କମିବା, ଚିଲିକାରେ ପ୍ରଦୂଷଣ ଜଳ ହେବା ଏବଂ ବିଭିନ୍ନ ନଦୀନାଳ ଅବସ୍ଥା ଶୋଚନୀୟ ହେବା ଯୋଗୁଁ ଆମର କୌଳିକ ବ୍ୟବସାୟରେ ଗୁରୁତ୍ୱର ବ୍ୟାଘାତ ହେଉଥିବା ବେଳେ କୈବର୍ତ୍ତ ଭାଇମାନରଙ୍କ ଆର୍ଥିକ ଉନ୍ନତି ଏବଂ ସ୍ୱାର୍ଥରକ୍ଷା ବଡ଼ କଷ୍ଟକର ହେଉଥିଲେ ମଧ ଆମେ ଆପ୍ରାଣ ଉଦ୍ୟମ କରି ଆମ ଜାତିର ଉନ୍ନତି ପାଇଁ କାମ କରିଚାଲିଛୁ ଏବଂ କରୁଥିବୁ ବୋଲି କହିବା ସହ ସବୁ ଜିଲ୍ଲାରେ ଆମ ସଂଗଠନକୁ ସୁଦୃଢ କରିବା ପାଇଁ ଖୁବ୍‌ଶୀଘ୍ର ଆଉ ଗୋଟିଏ ସାଧାରଣ ପରିଷଦ ଡାକି ଏହିସବୁ ସମସ୍ୟା ଉପରେ ବିଚାର ଆଲୋଚନା କରିବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି କୈବର୍ତ୍ତ ପରିଷଦର ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

## ରାମବାଗ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଳିହା ପଞ୍ଚାୟତରେ ଅବସ୍ଥିତ ରାମବାଗ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ବାଳିକାମାନଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନିର ଦ୍ୱିତୀୟ ଓ ତୃତୀୟ ବର୍ଷର ବାଳିକାମାନେ ମିଶି ଏହାର ଆୟୋଜନ କରିଥିଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଯୁକ୍ତ ତିନିର ଦୁଇ ଅଧାପକ ନିର୍ମଳ ସାହୁ (ରାଜନୀତି ବିଜ୍ଞାନ), ଅଧାପିକା ନିକିତା ଦାସ (ଶିକ୍ଷା)। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ରବି ପୁହାଣ ସଭାପତିତ୍ୱ କରିଥିବା ବେଳେ, ସରୋଜ କୁମାର ଦାସ ମୁଖ୍ୟ ଅତିଥିରୂପେ ଯୋଗଦାନ କରିଥିଲେ, ଗଦାଧର ମିଶ୍ର ଉପସ୍ଥାପନା କରିଥିଲେ ତାଙ୍କ ସହିତ ଯୋଗ ଦେଇଥିଲେ ଜ୍ୟୋସ୍ନାରାଣି, ଜୟସ୍ମିତା ସାହୁ, ସରୋଜ କୁମାର ଦାଶ, ରବିନ୍ଦ୍ର କୁମାର ପାଣି, ଜ୍ୟୋତି ରଂଜନ ପୁହାଣ, ସନ୍ତୋଷ କୁମାର ଆଦି ସମସ୍ତ ସଦସ୍ୟ ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବାଳିକାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ନାଚ, ଗୀତ ଓ ରଙ୍ଗୋଲି ଆଦି ରଙ୍ଗା ରଙ୍ଗ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଙ୍ଗୋଲିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପିନୁରାଣୀ ରାଉତ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପୂଜାରାଣୀ ରାଉତ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଶୁଭସ୍ମିତା ପୋଥାଳ, ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସ୍ୱର୍ଣ୍ଣପ୍ରିୟା ମହାପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସରୋଜିନୀ ବେହେରା, ତୃତୀୟ ସ୍ଥାନ ଅଧିକାର କରିଥିଲେ ମନସ୍ମିତା ବାରିକ। ନିର୍ମଳ ସାର୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






ଡି.ଏ.ଭି କଳିଙ୍ଗ ନଗରଠାରେ ଶିଶୁ ଦିବସ ଉତ୍ସବ ପାଳିତ । ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସମବେତ କଣ୍ଠ ସଂଗୀତ, ନୃତ୍ୟ ଏବଂ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା

# ପିସିସି ପକ୍ଷରୁ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଆଜି ସ୍ୱାଧୀନ ଭାରତରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପବିତ୍ର ଜୟନ୍ତି ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟଙ୍କ ନେତୃତ୍ୱରେ କଂଗ୍ରେସ ନେତୃବର୍ଗ ମାଷ୍ଟର କ୍ୟାଂଟିନ ସ୍ଥିତ ନେହେରୁ ପାର୍କରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ନେହେରୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ଓ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଓଡ଼ିଶା ପ୍ରତି ନେହେରୁଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ



ଅନ୍ୟମାନଙ୍କ ମଧ୍ୟରେ ଅମିୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାସ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ଜ୍ୟୋତିଷ ସାହୁ,ମିହିର ଆଚାର୍ଯ୍ୟ, ଭାସ୍କର ସେଠୀ, ସୁଶାନ୍ତ ତ୍ରିପାଠୀ, ସଙ୍କୁନା କହଁର, ସୁଧାଂଶୁ ମହାନ୍ତି, ସଂଜୟ ମିଶ୍ର, ଅନୀମା ମି, ସୁବାସ ପ୍ରଧାନ, ତାପସ ସେଠୀ, ନିରଞ୍ଜନ ନାୟକ, ଖଗେଶ୍ୱର ମଲ୍ଲିକ୍, ପ୍ରଶାଂ କୁମାର ଚମ୍ପତି, ସୌମେନ୍ଦ୍ର ମହାଁ ଓ ଗୁଣମଣି ସା ପ୍ରମୁଖ ବହୁ କଂଗ୍ରେସ ନେତୃବର୍ଗ ଓ କର୍ମୀ ଯୋଗ ଦେଇଥିଲେ।

# ସୋନପୁର ବ୍ଲକ କଇଁଫୁଲ ଗ୍ରାମରେ ବୋରୱେଲରେ ଖସି ପଡି ବୃଦ୍ଧା ମୃତ : ମନ୍ତ୍ରୀ ଦେଖେଇଲେ ମାନବିକତା

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ କଇଁଫୁଲ ଗ୍ରାମରେ ଘଟିଛି ଏକ ଅଘଟଣ । ଏକ ଖୋଲା ଡିପ ବୋରୱେଲରେ ଖସି ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧା ଜଣକ ହେଲେ ଗୋବିନ୍ଦପୁର ଗ୍ରାମର ଦୁଃଖୀ ନେଗୀ (୭୦) ।ସୂଚନା ଅନୁଯାୟୀ, ମୃତକ ଜଣକ ନିଜ ଝିଅ ଘର ମୟୂରୁଉଡାନ ପଂଚାୟତର କଇଁଫୁଲ ଗ୍ରାମ ନିକଟସ୍ଥ କସୁରପାଲି ଗ୍ରାମକୁ ଗତ ୨ ମାସ ହେଲା ଆସିଥିଲେ । ତେବେ ଗତକାଲି ସକାଳ ପ୍ରାୟ ୮ଟା ରେ ବୃଦ୍ଧା ମହିଳା ଜଣକ କଇଁଫୁଲ ଗ୍ରାମରେ ଥିବା ଏକ ବିଲକୁ ଝାଡୁ ତିଆରି କରିବାକୁ ବେଣା କାଟିବାକୁ ଯାଇ ଆଉ ଫେରି ନ ଥିଲେ । ବହୁ ଖୋଜାଖୋଜି ପରେ ସେଠାରେ ଥିବା ଏକ ବୋରୱେଲ ନିକଟରେ ଏକ ଦା ଏବଂ ବେଣା ଗୋଛା ପଡିଥିବା ଦେଖି ବୋରୱେଲରେ ଖସି ପଡିଥିବା ପରିବାର ଲୋକ ଜାଣିଥିଲେ । ଆଜି ସକାଳୁ ଖବର ପାଇ ସଙ୍ଗେ ସଙ୍ଗେ ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ ପହଂଚିଥିଲେ ଓ ବ୍ଲକ ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ ସହାୟତାରେ ପ୍ରଥମେ ଅକ୍ସିଜେନ ଦିଆଯିବା ସହ ୨୦ ଫୁଟ ତଳେ ଥିବା ବୃଦ୍ଧାଙ୍କୁ ୫ ଘଂଟା ପରେ ଉଦ୍ଧାର କରାଯାଇ ମୁମୂର୍ଷୁ ଅବସ୍ଥାରେ ସୋନପୁର ଡାକ୍ତରଖାନା ଅଣାଯାଇଥିଲା । ତେବେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ଏଭଳି ଏକ ଅଭାବନୀୟ ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ଘଟଣାର ଖବର ପାଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଘଟଣାସ୍ଥଳରେ ପହଂଚି ପରିବାର ଲୋକ, ପ୍ରଶାସନ ସହିତ ଆଲୋଚନା କରି ବ୍ୟକ୍ତି ଗତ ଭାବେ ଆର୍ଥିକ ସହାୟତା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ସମଗ୍ର କର୍ଯ୍ୟର ତର୍ଜମା କରୁଥିବା ଦେଖା ଯାଇଥିବା ବେଳେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ସହାୟତା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ବ୍ଲକ ଓ ଜିଲ୍ଲା ପ୍ରଶାସନରୁ ତୁରନ୍ତ ଫାଇଲ ପ୍ରୋସେସ କରାଯାଇଥିବା ବିଷୟ ଆଜି ବିଡ଼ିଓ ଶ୍ରୀ ସ୍ୱାଇଁ ମିଡ଼ିଆକୁ ସୂଚନା ଦେଇଛନ୍ତି।

# ସମବାୟ ସପ୍ତାହ ଉପଲକ୍ଷେ ମାରାଥନ୍

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ସମବାୟ ବ୍ୟାଙ୍କ ପକ୍ଷରୁ ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ୧୪/୧୧/୨୩ ଠାରୁ ୧୮/୧୧/୨୩ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ କରାଯାଉଅଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ମାରାଥନ୍ ର ଆୟୋଜନ ଆଜି ସକାଳ ୭ଟା ୩୦ ସମୟରେ ମାଲକାନଗିରି ସଦର ସୁବାଷ ବୋଷ ଛକ ଠାରୁ ଆରମ୍ଭ ହୋଇ ଡି.ଏନ.କେ. ଖେଳ ପଡିଆ ଠାରେ ଶେଷ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା, ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଯୋଗଦେଇ ସବୁଜ ପତକା ଦେଖାଇ ମାରାଥନ୍ ର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ନୃସିଂହ ଚରଣ ମହାନ୍ତି ଓ ପତ୍ରକାର ବନ୍ଧୁ ମାନେ, ସ୍ଥାନୀୟ ବରିଷ୍ଠ ନାଗରିକ ଯୁବ ଜନତା ଦଳ ପୌର ପରିଷଦ ସଭାପତି ବଳରାମ ଭଞ୍ଜ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ହରିଜନ, ଛାତ୍ର ଜନତା ଦଳ ଆଇଟି କୋଡ଼ିନେଟର ସୁନିଲ ସାହୁ ଏବଂ ବହୁ ସଂଖ୍ୟାରେ ଯୁବ ଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀର ଆତ୍ମହତ୍ୟା

ଖୋର୍ଦ୍ଧା, (ପି.ଏନ): ଗତ ରବିବାର ସନ୍ଧ୍ୟାରେ ୫୭ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାରେ ଚାଲିଗଲା ସ୍ୱାମୀଙ୍କ ଜୀବନ । ସ୍ୱାମୀର ମୃତ୍ୟୁ ଘଟଣା ସ୍ତ୍ରୀଙ୍କୁ ଗଭୀର ଭାବେ ମାନସିକ ଆଘାତ ଦେଇଥିଲା । ଫଳରେ ସ୍ୱାମୀ ମୃତ୍ୟୁର ଦୁଇ ଦିନ ନ ପୁରୁଣୁ ତାଙ୍କୁ ଝୁରି ଝୁରି ଜୀବନ ହାରିଦେଲେ ସ୍ତ୍ରୀ । ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅନ୍ତର୍ଗତ ବେଣାଗାଡିଆ ଗ୍ରାମରେ ।ସୂଚନା ଅନୁଯାୟୀ, ବେଣାଗାଡିଆ ଗ୍ରାମର ଗୋକୁଳ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଅନିନ୍ଦିତା ସୁବୁଦ୍ଧି ଦୁଇ ଝିଅଙ୍କ ସହ ରାଜସୁନାଖଳାରେ ଘର କରି ରହୁଥିଲେ । ତେବେ ରାଜସୁନାଖଳା ବଜାରରେ ତାଙ୍କର ଏକ ଇଲେକ୍ଟ୍ରୋନିକ ଦୋକାନ ଥିଲା । ଦୀପାବଳି ଦିନ ସନ୍ଧ୍ୟାରେ ଗୋକୁଳ ଦୋକାନକୁ ଯିବା ରାସ୍ତାରେ ଅଜଣା ଗାଡି ଧକ୍କାର ଶିକାର ହୋଇଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଗୋକୁଳଙ୍କ ମୃତ୍ୟୁ ପରେ ପରିବାର ଲୋକେ ନିଜ ପୈତୃକ ଗ୍ରାମ ବେଣାଗାଡିଆ ଠାରେ ଶୁଦ୍ଧିକ୍ରିୟା ଆରମ୍ଭ କରିଥିଲେ । ହେଲେ ସାତ ଜନ୍ମ ପାଇଁ ସାଥି ହୋଇ ରହିବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥିବା ସ୍ତ୍ରୀ ଅନିନ୍ଦିତା ନିଜ ସାଥୀକୁ ହରାଇ ଭାଙ୍ଗି ପଡିଥିଲେ । ତେଣୁ ମାନସିକ ଭାରସାମ୍ୟ ହରାଇ ନିଜ ଜୀବନ ହାରିଥିବା ପରିବାର ପକ୍ଷରୁ କୁହାଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଉଭୟ ଦମ୍ପତି ଖୁବ ମେଳାପୀ ଓ ଈଶ୍ୱର ବିଶ୍ୱାସୀ ଥିବାବେଳେ ଦୁଇ ଜଣଙ୍କ ମୃତ୍ୟୁ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ସେପଟେ ଦୁଇ ଝିଅଙ୍କ ଭବିଷ୍ୟତ ଏବେ କଣ ହେବ ତାକୁ ନେଇ ଚିନ୍ତାରେ ପରିବାର ଲୋକେ । ମୃତ ଗୋକୁଳଙ୍କ ସମ୍ପର୍କୀୟ ଏହି ଘଟଣା ପରେ ତୁରନ୍ତ ଆମ୍ବୁଲାନ୍ସ ନ ମିଳିବା କାରଣରୁ ମୃତ୍ୟୁ ହୋଇଥିବା କହିଥିବା ବେଳେ ଅସହାୟ ପିଲାଙ୍କ ପାଇଁ ସରକାର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି । ସେପଟେ ବାଙ୍କୋଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ହସ୍ପିଟାଲ ପଠାଇ ତଦନ୍ତ କରୁଥିବା ଜଣାପଡିଛି ।

# ବ୍ରହ୍ମଗିରିରେ ସଂସ୍କୃତି କଳା ମନ୍ଦିର ତରଫରୁ ଶିଶୁ ମହୋତ୍ସବ

ପୁରୀ,(ପି.ଏନ):- ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍ ଶୀତଳପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ସଂସ୍କୃତି କଳା ମନ୍ଦିର ତରଫରୁ ଶିଶୁ ମହୋତ୍ସବ ଅନୁଷ୍ଠାନର ସଭାପତି ଦିଗମ୍ବର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଂଚି ନାରାୟଣ ପରିଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନେ ସର୍ବଦା ଶୃଙ୍ଖଳିତ, ସଂଯମୀ ଓ ଅଧ୍ୟବସାୟୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ଦାସ ଯୋଗଦେଇ ନିତିଦିନିଆ ଜୀବନରେ ବିଜ୍ଞାନର ଅବଦାନ ଓ ଆବଶ୍ୟକତା ଉପରେ କହିଥିଲେ। ପିଲାମାନେ ବୈଜ୍ଞାନିକ ଚିନ୍ତାଧାରାର ବଶବର୍ତୀ ହେବା ସହିତ ଅବୈଜ୍ଞାନିକ ଚିନ୍ତାଧାରା ପରିହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସଂସ୍କୃତି ସଂଗଠକ ଅଜୟ କୁମାର ସ୍ୱାଇଁ, ଶିକ୍ଷକ ବ୍ରହ୍ମଚାରୀ ପଲାଇ, ଶିକ୍ଷକ ଅର୍ଜୁନ କୁମାର ସାମନ୍ତରାୟ, ଶିକ୍ଷକ ଅର୍ଜୁନ କୁମାର ସାହୁ, ପୂର୍ବତନ ସରପଂଚ ବଳଭଦ୍ର ନାୟକ, ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ର, ବ୍ୟାଙ୍କ ମିତ୍ର ରଜନୀରାଣୀ ବେହେରା, ଶିକ୍ଷୟିତ୍ରୀ ଅନସୂୟା ନାୟକ, କାମିନୀ ବେହେରା, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ସ୍ୱପ୍ନାରାଣୀ ବରାଳ ପ୍ରମୁଖ ଯୋଗଦାନ କରି ଶିଶୁମାନଙ୍କ ନିମନ୍ତେ ଉତମ ଶିକ୍ଷା, ଆନନ୍ଦମୟ ପରିବେଶ, ଉନ୍ନତ କ୍ରୀଡା ଭିତିଭୂମି ଓ ସେମାନଙ୍କ ମୌଳିକ ଅଧିକାର ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱାରୋପ କରିଥିଲେ। ଏକ ଶହ ବାର ଜଣଙ୍କୁ ବିଜ୍ଞାନ ଶିକ୍ଷା ପାଇଁ ଖାତା, କଲମ, ପେନସିଲ୍, ସ୍କେଲ, ରବର ଆଦି ଅତିଥି ମାନେ ପ୍ରଦାନ କରିଥିଲେ। ସଂସ୍କୃତି କଳା ମନ୍ଦିର ପ୍ରତିଷ୍ଠାତା ଶିକ୍ଷକ ଚରଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ପ୍ରାରମ୍ଭରେ କଳା ମନ୍ଦିରର ଛାତ୍ର ଛାତ୍ରୀମାନେ ଗୁରୁ ପବିତ୍ର ଜେନାଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।





2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

